# କୁଭି ଭାଷା ଶିକ୍ଷଣ ପୁସ୍ତିକା

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ
ଭୁବନେଶ୍ୱର

# କୁଭି ଭାଷା ଶିକ୍ଷଣ ପୁସ୍ତିକା


*ସଂକଳନ*

ଡ଼ଃ ପରମାନନ୍ଦ ପଟେଲ

*ଭାଷା ସଂସାଧକ*

ମାଚୁଆଲ୍ ଖରା

*ନିର୍ଦ୍ଦେଶକ*

ଡ଼ଃ ଅନନ୍ତ ଚରଣ ସାହୁ



ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ

ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ

ଭୁବନେଶ୍ୱର

# କୁଭି ଭାଷା ଶିକ୍ଷଣ ପୁସ୍ତିକା


ସଂକଳନ : ଡ଼ଃ ପରମାନନ୍ଦ ପଟେଲ

ଭାଷା ସଂସାଧକ : ମାଚୁଆଲ୍ ଖରା

© ପ୍ରକାଶକ : ନିର୍ଦ୍ଦେଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଆଦିବାସୀ ପ୍ରଦର୍ଶନୀ ପ୍ରାନ୍ତର
ୟୁନିଟ୍ - ୧, ଭୁବନେଶ୍ୱର - ୭୫୧୦୦୯

ପ୍ରଥମ ପ୍ରକାଶ : ଜାନୁୟାରୀ ୨୦୦୫

ମୁଦ୍ରଣ : ପରଫେକ୍ଟ ପ୍ରିଣ୍ଟରସ୍ ଏଣ୍ଡ ପବ୍ଲିସର୍ସ
ବାପୁଜୀ ନଗର, ଭୁବନେଶ୍ୱର - ୭୫୧ ୦୦୯
ଦୂରଭାଷ : (୦୬୭୪) ୨୫୩୧୦୩୫, ମୋବାଇଲ : ୯୪୩୭୧ ୭୬୭୧୦

ମୂଲ୍ୟ : ୩୦.୦୦ ଟଙ୍କା ମାତ୍ର


# KUVI BHASHA SIKSHYANA PUSTIKA


**Compilation :** Dr. Paramananda Patel

**Language Informant :** Matchual Khara

© ***Publisher :*** Director
Academy of Tribal Dialects & Culture
Adivasi Exhibition Ground
Unit - I, Bhubaneswar - 751 009

First Edition :

**Printed at :** Perfect Printers & Publishers
Bapuji Nagar, Bhubaneswar - 751 009
☎ : (0674) 2531035, Cell : 94371 76710

Price Rs. 30.00 Only

# ମୁଖବନ୍ଧ

ଆଦିବାସୀ ବହୁଳ ରାଜ୍ୟଭାବରେ ଓଡ଼ିଶା ଭାରତରେ ଏକ ବିଶିଷ୍ଟ ସ୍ଥାନ ଗ୍ରହଣ କରିଛି । ଓଡ଼ିଶାରେ ୬୨ ପ୍ରକାରର ଜନଜାତି ବସବାସ କରି ଆସୁଛନ୍ତି ଯାହା ସାମଗ୍ରୀକ ଜନସଂଖ୍ୟାର ୨୨.୨୧ ଭାଗ । ୧୯୯୧ ଜନଗଣନା ଅନୁସାରେ ଏମାନଙ୍କର ସଂଖ୍ୟା ୭୦,୩୨,୨୧୪ । ଓଡ଼ିଶାର ଆଦିବାସୀମାନେ ତିନିଭାଷା ପରିବାରର ଅନ୍ତର୍ଭୁକ୍ତ ଏବଂ ସେମାନଙ୍କର ଭାଷା ନିମ୍ନମତେ ବର୍ଗୀକୃତ ।

୧. ଗୋଷ୍ଠୀ ପରିଚୟ ଥାଇ ସ୍ୱବର୍ଗୀୟ ଭାଷା, ୨. ଗୋଷ୍ଠୀ ପରିଚୟ ଥାଇ ପରବର୍ଗୀୟ ଭାଷା , ୩. ଗୋଷ୍ଠୀ ପରିଚୟ ନଥାଇ ମୌଳିକ ଭାଷା ଙ୍କ ସଂଯୋଜକଭାଷା ।

ପ୍ରଥମ ଗୋଷ୍ଠୀ ଅଧୀନରେ ସାନ୍ତାଳ, ମୁଣ୍ଡା, ଜୁଆଙ୍ଗ, ବଣ୍ଡା, କୁଇ, କୁଭି ଓ ଓରାମ ପ୍ରମୁଖ ବର୍ଗ ଅନ୍ତର୍ଭୁକ୍ତ ହେଉଥିବା ବେଳେ ଦ୍ୱିତୀୟ ଗୋଷ୍ଠୀ ଅଧୀନରେ ବାଥୁଡ଼ି, ଭୂୟାଁ, ଭତ୍ରା, ହଲବା, ବିଂଝିଆ, ଭୂମିଆ, ଓ ପରଜା ପ୍ରମୁଖ ଅନ୍ତର୍ଭୁକ୍ତ । ଅତୀତରେ ଏମାନଙ୍କର ନିଜସ୍ୱ ମୌଳିକ ଭାଷା ବିଦ୍ୟମାନ ଥିଲା, ମାତ୍ର ସମୟକ୍ରମେ ସେମାନେ ନିଜସ୍ୱ ଭାଷାକୁ ଭୂଲି ପରବର୍ଗୀୟ ଭାଷା-ଗୋଷ୍ଠୀରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ତୃତୀୟ ଗୋଷ୍ଠୀରେ କୌଣସି ନିର୍ଦ୍ଦିଷ୍ଟ ବର୍ଗ ସମ୍ପୃକ୍ତ ନଥିଲେ ସୁଦ୍ଧା ସେମାନେ ଅର୍ନ୍ତଗୋଷ୍ଠୀୟ ସ୍ତରରେ, ଦୁଇ ଭିନ୍ନ ଭାଷାଭାଷୀ ଗୋଷ୍ଠୀର ଜନସମୁଦାୟ, ଏକ ତୃତୀୟ ଭାଷାକୁ ଯୋଗାଯୋଗ ଭାଷା ହିସାବରେ ଗ୍ରହଣ କରି ନେଇଛନ୍ତି । ଏହି ଭାଷା ହେଉଛି ସଂଯୋଜକ ଭାଷା ବା Lingua Franca । ଏହି Lingua Franca ଅଧୀନରେ ଓଡ଼ିଶାର ଉତ୍ତର-ପଶ୍ଚିମାଞ୍ଚଳରେ କଥିତ ସାଦ୍ରୀଭାଷା ତଥା ଦକ୍ଷିଣାଞ୍ଚଳରେ କଥିତ ଦେଶିଆ ଭାଷା ପ୍ରଧାନ । ଏହି ଭାଷା ଦ୍ୱୟ କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀ ଦ୍ୱାରା କଥିତ ହେଉନଥିଲେ ସୁଦ୍ଧା ସମ୍ପୃକ୍ତ ଅଞ୍ଚଳର ସମସ୍ତ ଜନଜାତିଙ୍କ ଯୋଗାଯୋଗର ଭାଷା ହିସାବରେ ପ୍ରଚଳିତ । ଏହି ସଂଯୋଜକ ଭାଷା ମାନଙ୍କରେ ମଧ୍ୟ ସମୃଦ୍ଧ ଲୋକ ସାହିତ୍ୟ ଏବଂ ଉନ୍ନତ ବ୍ୟାକରଣ ରହିଛି ।

ଓଡ଼ିଶାର ଆଦିବାସୀ ସମାଜ ତ୍ରିବିଧ ପ୍ରମୁଖ ଜନଜାତି ପରିବାରର ଅନ୍ତର୍ଭୁକ୍ତ । ଯଥା : ଆଷ୍ଟ୍ରିକ (ମୁଣ୍ଡା), ଦ୍ରାବିଡ ଓ ଭାରତୀୟ ଆର୍ଯ୍ୟ । ପ୍ରତ୍ୟେକ ଜନଜାତି ପରିବାରର ଭାଷା ସ୍ୱତନ୍ତ୍ର ଏବଂ ପ୍ରତ୍ୟେକ ପରିବାର ଅନ୍ତର୍ଗତ ଗୋଷ୍ଠୀଗୁଡ଼ିକର ଭାଷା ମଧ୍ୟ ଭିନ୍ନ

ଭିନ୍ନ । ବର୍ତ୍ତମାନ ପ୍ରାୟ ୨୨ ରୁ ଅଧିକ ଗୋଷ୍ଠୀ ନିଜର ମାତୃଭାଷା ବ୍ୟବହାର କରୁଥିଲାବେଳେ ଅବଶିଷ୍ଟ ଗୋଷ୍ଠୀ ସ୍ଥାନୀୟ ଓଡ଼ିଆ ଉପ-ଭାଷାଗୁଡ଼ିକୁ ନିଜର ପ୍ରଥମ ଭାଷା ରୂପେ ଗ୍ରହଣ କରି ନେଉଛନ୍ତି । ତେବେ ଓଡ଼ିଶାର ଆଦିବାସୀଙ୍କ ଭିତରେ ନିମ୍ନଲିଖିତ ଭାଷା ଓ ଉପଭାଷା ପ୍ରଚଳିତ ।

**ମୁଣ୍ଡା :** ଭୂମିଜ, ବିରହୋର, ରେମ (ବଣ୍ଡା), ଗତାଃ (ଡ଼ିଡାୟୀ), ଗୁତବ୍ (ଗଦବା), ସୋରା (ସଉରା), ପାରେଙ୍ଗା, ଖରିଆ, ଜୁଆଙ୍ଗ, ସାନ୍ତାଳୀ, ହୋ, ମୁଣ୍ଡାରୀ, ମାହାଲୀ ଇତ୍ୟାଦି ।

**ଦ୍ରାବିଡ଼ :** ଗୋଣ୍ଡୀ, କଣ୍ଡା, କୁଇ, କୁଭି-କନ୍ଧ, କିସାନ, କୋୟା, କୋଲାମା, ନାଇକୀ ଓଲାରୀ, ପାର୍ଜୀ, ପେଙ୍ଗ, କୁଡ଼ୁଖ୍ (ଓରାଓଁ) ଇତ୍ୟାଦି ।

**ଭାରତୀୟ ଆର୍ଯ୍ୟ :** ବାଥୁଡ଼ି, ଭୂୟାଁ, କୁରମାଳୀ, ସାଉଁତି, ସାଦ୍ରୀ, କନ୍ଧାନ୍, ଅଘ୍ରିଆ, ଦେଶିଆ, ଝରିଆ, ହାଲବି, ଭତ୍ରା, ମାଟିଆ, ଭୁଞ୍ଜିଆ ଇତ୍ୟାଦି ।

ଏହିସବୁ ଭାଷା ମଧ୍ୟରୁ କେବଳ ଚାରୋଟି ଭାଷାରେ ଲିପି ବିକଶିତ ହୋଇଛି । ସେ ଚାରୋଟି ଲିପି ହେଉଛି - ସାନ୍ତାଳୀ (ଅଲଚିକି), ସଉରା (ସୋରାଂ ସୋମ୍‌ପେଙ୍), ହୋ (ୱାରାଂଚିତି), ଏବଂ କୁଇ (କୁଇ ଲିପି) । ଏଥି ମଧ୍ୟରୁ ସାନ୍ତାଳୀ ଓ ସଉରା ଲିପିରେ ବହିପତ୍ର ମୁଦ୍ରଣ ହେଉଛି । ଅନ୍ୟ ଆଦିବାସୀ ଭାଷାରେ ଯାହା ସାହିତ୍ୟ ଲେଖାଯାଉଛି ତାହା ରୋମାନ୍, ଦେବନାଗରୀ, ବଙ୍ଗଳା, ତେଲୁଗୁ ଏବଂ ଓଡ଼ିଆ ଲିପିରେ ହିଁ ପ୍ରକାଶ ପାଉଛି ।

ଓଡ଼ିଶାରେ ସରକାରୀ ବ୍ୟବସ୍ଥାରେ ଓଡ଼ିଆ ଭାଷା ଏକ ମାଧ୍ୟମ । ବିଦ୍ୟାଳୟ ଶିକ୍ଷା ବ୍ୟବସ୍ଥା ଠାରୁ ଆରମ୍ଭ କରି କର୍ମକ୍ଷେତ୍ର ପର୍ଯ୍ୟନ୍ତ ଏହାର ପ୍ରୟୋଗ ରହିଛି । ଆଦିବାସୀମାନେ ସେମାନଙ୍କ ଭାଷା ବ୍ୟତିରେକ ଓଡ଼ିଆ ଭାଷା ସହିତ ପରିଚିତ ନଥିବାରୁ ଅନେକ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାକୁ ସେମାନଙ୍କ ନିକଟରେ ପହଞ୍ଚାଇବା ସମୟରେ ସରକାରଙ୍କୁ ବହୁତ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଫଳତଃ ଉନ୍ନୟନମୂଳକ ଯୋଜନାର ରୂପାୟନ ସମ୍ଭବ ହୋଇପାରେ ନାହିଁ । ଏହାକୁ ଦୃଷ୍ଟିରେ ରଖି ଆଦିବାସୀ ଲୋକମାନଙ୍କ ପାଖରେ ଉନ୍ନୟନ ଯୋଜନା ଓ ଶିକ୍ଷା ବ୍ୟବସ୍ଥାକୁ ପହଞ୍ଚାଇବାକୁ ସରକାର ଆଦିବାସୀ ଅଞ୍ଚଳରେ କାମ କରୁଥିବା ବିଭିନ୍ନ ବିଭାଗର କର୍ମଚାରୀ ତଥା ଶିକ୍ଷକମାନଙ୍କୁ ସମ୍ପୃକ୍ତ ଅଞ୍ଚଳରେ ଆଦିବାସୀଭାଷାରେ ତାଲିମ୍ ଦେବାର ବ୍ୟବସ୍ଥା ପ୍ରବର୍ତ୍ତନ କରିଛନ୍ତି । ଆଦିବାସୀ ଭାଷାରେ ତାଲିମ ପାଇ ଜଣେ

କର୍ମଚାରୀ ଆଦିବାସୀମାନଙ୍କର ନିକଟତର ହୋଇପାରିବ ଏବଂ ଉନ୍ନୟନ ଯୋଜନାର ସଫଳ ରୂପାୟନ ପାଇଁ ସକ୍ଷମ ହୋଇପାରିବ । ସରକାରଙ୍କର ଏହି ଆଭିମୁଖ୍ୟକୁ ଦୃଷ୍ଟିରେ ରଖି ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ଉପଯୋଜନା ଅଞ୍ଚଳରେ ବିଭିନ୍ନ ପ୍ରମୁଖ ଆଦିବାସୀ ଭାଷାଗୁଡ଼ିକରେ ଭାଷା ପ୍ରଶିକ୍ଷଣ କେନ୍ଦ୍ରମାନ ସ୍ଥାପନକରି ସ୍ଥାନୀୟ ସରକାରୀ କର୍ମଚାରୀ ଏବଂ ଶିକ୍ଷକମାନଙ୍କୁ ତାଲିମ୍ ପ୍ରଦାନ କରିଆସୁଛି । ତାଲିମ୍ ବ୍ୟବସ୍ଥାକୁ ସହଜ ଏବଂ ସଫଳ କରିବା ପାଇଁ ଏକ ସହାୟକ ପୁସ୍ତକ ଏକାଡ଼େମୀ ପ୍ରସ୍ତୁତ କରିଛି । ଏହି ପୁସ୍ତକ ପ୍ରମୁଖ ଆଦିବାସୀ ଭାଷା ମାନଙ୍କରେ ରଚିତ । ବ୍ୟାକରଣ, ରଚନାବଳୀ ଏବଂ ଶବ୍ଦକୋଷ ସମ୍ଭାରରେ ସମୃଦ୍ଧ । ଭାଷା ପ୍ରଶିକ୍ଷଣ ସମୟରେ ଏହି ପୁସ୍ତକକୁ ଆଧାରକରି ପ୍ରଶିକ୍ଷଣ ଦିଆଯାଉଥିଲେ ସୁଦ୍ଧା ସୀମିତ ସମୟ ମଧ୍ୟରେ ଭାଷା ଶିକ୍ଷା ସହଜସାଧ୍ୟ ନୁହେଁ । ତେଣୁ ସମୟୋପଯୋଗୀ ଭାଷାର ଦୈନନ୍ଦୀନ ବ୍ୟାବହାରକୁ ନେଇ ଉନ୍ନୟନ ପ୍ରାଧିକାରୀ ଏବଂ ଜନଜାତି ଗୋଷ୍ଠୀଙ୍କ ସହ ସମୂଚିତ ଭାବେ ଭାବଗତ ଆଦାନ ପ୍ରଦାନର ମାଧ୍ୟମ ହିସାବରେ ଭାଷା ଶିକ୍ଷାର ଆବଶ୍ୟକତାକୁ ଲକ୍ଷ୍ୟକରି ଏକ ସରଳ ଭାଷା ଶିକ୍ଷଣ ପୁସ୍ତିକାର ପରିକଳ୍ପନା କରାଯାଇଛି । ଏଥିରେ ନୀତି ପ୍ରତିଦିନ ପ୍ରଜାତିକ ଗୋଷ୍ଠୀ ସହ ହେଉଥିବା ଆଳାପ ଆଲୋଚନାକୁ କେତୋଟି ସରଳବାକ୍ୟ ଛଳରେ ସିଧାସଳଖ ଉଦାହରଣ ହିସାବରେ ଦର୍ଶାଯାଇଛି । ଫଳତଃ ଉନ୍ନୟନ ବ୍ୟବସ୍ଥା ଏବଂ ପ୍ରଜାତିକ ଜନଗୋଷ୍ଠୀର ମାନସିକତା ସହ ଉଭୟେ ପରିଚିତ ହେବେ, ଆନ୍ତରିକତା ବଢ଼ିବା ସଙ୍ଗେ ସଙ୍ଗେ ପ୍ରତି ପ୍ରତ୍ୟେକଙ୍କ ସହ ବିଶ୍ୱାସ ଭାଜନ ହେବେ । ବିଶ୍ୱାସଟିଏ ପ୍ରତିଷ୍ଠିତ ହୋଇଗଲେ ଯୋଜନା ରୂପାୟନ କରିବା ସହଜ ସାଧ ହୁଏ । ଏହି ବିଶ୍ୱାସକୁ ଆଖି ଆଗରେ ରଖି ଆଦିବାସୀ ଭାଷା ଶିକ୍ଷଣ ପୁସ୍ତିକା ପ୍ରସ୍ତୁତ କରାଯାଇଛି । ପ୍ରସ୍ତୁତ **"କୁଭି ଭାଷା ଶିକ୍ଷଣ ପୁସ୍ତିକା"** ତନ୍ମଧ୍ୟରୁ ଅନ୍ୟତମ ।

ଏହି ପୁସ୍ତିକାକୁ ସଂକଳନ କରିଛନ୍ତି ଡ଼ଃ ପରମାନନ୍ଦ ପଟେଲ । ପୁସ୍ତିକାର ଭାଷା ସଂସାଧକ ହେଉଛନ୍ତି ଶ୍ରୀ ମାଟୁଆଲ୍ ଖରା । ପୁସ୍ତିକା ପ୍ରକାଶନ ଅବସରରେ ଏକାଡ଼େମୀ ଏମାନଙ୍କ ନିକଟରେ କୃତଜ୍ଞ ।

ନିର୍ଦ୍ଦେଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ
ଭୁବନେଶ୍ୱର

# ସୂଚୀପତ୍ର


| କ୍ର.ସଂ | ବିଷୟ | ପୃଷ୍ଠା |
|---|---|---|
| i. | ମୁଖବନ୍ଧ | |
| ii. | ଉପକ୍ରମଣିକା | |
| ୧. | ସର୍ବନାମ ଏବଂ ଏହାର ପ୍ରୟୋଗ | ୧-୭ |
| ୨. | ଶରୀରର ବିଭିନ୍ନ ଅଂଶର ନାମ | ୮-୧୧ |
| ୩. | ପ୍ରାକୃତିକ ନାମ | ୧୨-୧୩ |
| ୪. | ବିଭିନ୍ନ ପ୍ରକାର ଜମିର ନାମ | ୧୩ |
| ୫. | ବିଭିନ୍ନ ପ୍ରକାର ଶସ୍ୟ ଓ ଫୁଲର ନାମ | ୧୪-୧୫ |
| ୬. | ବିଭିନ୍ନ ପ୍ରକାର ଗଛର ନାମ | ୧୬-୧୭ |
| ୭. | ଘରର ବିବରଣୀ | ୧୭ |
| ୮. | କୃଷି ସରଞ୍ଜାମ | ୧୮ |
| ୯. | ବାର, ମାସ ଏବଂ ଋତୁ | ୧୯ |
| ୧୦. | ସାଧାରଣ କ୍ରିୟା | ୨୦-୨୨ |
| ୧୧. | କାଳ : ବର୍ତ୍ତମାନ, ଅତୀତ, ଭବିଷ୍ୟତ | ୨୩-୩୧ |
| ୧୨. | ସାଧାରଣ ବାକ୍ୟାବଳୀ | ୩୨-୮୫ |
| ୧୩. | କେତେକ ଶିଷ୍ଟାଚାର ଶବ୍ଦ ଏବଂ ବାକ୍ୟାଂଶ | ୮୬-୮୭ |
| ୧୪. | ଆଦେଶ / ଅନୁଜ୍ଞା ବାକ୍ୟାବଳୀ | ୮୮-୯୧ |

# ଉପକ୍ରମଣିକା

ଓଡ଼ିଶାର ଆଦିବାସୀମାନଙ୍କ ମଧ୍ୟରେ କନ୍ଧ ଏକ ଐତିହ୍ୟସମ୍ପନ୍ନ ଓ ସଂଖ୍ୟାଗରିଷ୍ଠ ଜନଜାତି । ଫୁଲବାଣୀ (ବୌଦ-କନ୍ଧମାଳ) ଜିଲ୍ଲାର ମହାନଦୀ ସୀମାରୁ ଦକ୍ଷିଣରେ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍ ଏଜେନ୍‌ସି ପର୍ଯ୍ୟନ୍ତ ଦୀର୍ଘ ଅରଣ୍ୟପୂର୍ଣ୍ଣ ପାର୍ବତ୍ୟ ଅଞ୍ଚଳରେ କନ୍ଧମାନେ ବସବାସ କରୁଥିବାର ଦେଖାଯାଇଥାଏ । ମାତ୍ର ଫୁଲବାଣୀ ତାଙ୍କ ଜାତିର ପ୍ରଥମ ଉତ୍ପତ୍ତିସ୍ଥଳ ବୋଲି କନ୍ଧମାନେ ବିଶ୍ୱାସ କରନ୍ତି ।

କନ୍ଧମାନଙ୍କର ଭାଷା ସର୍ବତ୍ର ସମାନ ନୁହେଁ । ଫୁଲବାଣୀ ଜିଲ୍ଲାର କନ୍ଧମାନଙ୍କର ମାତୃଭାଷା କୁଇ (Kui) ଏବଂ ଏମାନେ କୁଇଙ୍ଗା (Kuinga) ବା କୁଇ କନ୍ଧ (Kui Kond) କହନ୍ତି । କୋରାପୁଟ ଜିଲ୍ଲାରେ ବାସକରୁଥିବା କନ୍ଧମାନେ କୁଭିକନ୍ଧ (Kuvi Kond) ବା କୁଭିଙ୍ଗା (Kuvinga) ନାମରେ ପରିଚିତ ଏବଂ ସେମାନଙ୍କର ମାତୃଭାଷା କୁଭି (Kuvi) । କୋରାପୁଟ ଓ ଫୁଲବାଣୀ ଜିଲ୍ଲାର ମଧ୍ୟବର୍ତ୍ତୀ ଅଞ୍ଚଳରେ ବାସକରୁଥିବା କୁଟିଆ କନ୍ଧମାନଙ୍କର ଭାଷାରେ କୁଭି ଭାଷାର କେତେକ ଲକ୍ଷଣ ପରିଲକ୍ଷିତ ହୋଇଥାଏ । ମାତ୍ର ଏହା କୁଇ ଭାଷାର ଏକ ଉପଭାଷା ବୋଲି ଗବେଷକମାନଙ୍କର ମତ ।

ତେଲୁଗୁ ଭାଷାରେ 'କୋଣ୍ଡା' (Konda) ଶବ୍ଦର ଅର୍ଥ ପର୍ବତ । ତେଣୁ ପର୍ବତ ଉପରେ ବାସକରୁଥିବା ଲୋକମାନଙ୍କୁ ଅଞ୍ଚଳ ଭେଦରେ କଅନ୍ଦ୍ (Khond), କଅନ୍ଦୁ (Kondu), କନ୍ଦୁ (Kodu) ଏବଂ କନ୍ଧୁ (Kandh) ବୋଲି କୁହାଗଲା । କୁଇ ବା କୁଭି ଭାଷାରେ ଏମାନେ ନିଜକୁ କହିଲେ, କଅନ୍ଦ୍ (Kond), ତେଣୁ ପାର୍ବତ୍ୟ ଅଞ୍ଚଳରେ ବାସକରୁଥିବା କଅନ୍ଦ୍ (Kond) ମାନେ ଓଡ଼ିଆ ଭାଷାରେ କନ୍ଧ (Kondho) ନାମରେ ନାମିତ ହେଲେ ।

କନ୍ଧମାନେ ବିଭିନ୍ନ ସ୍ଥାନରେ ଏବଂ ଅଞ୍ଚଳ ବିଶେଷରେ ଏକତ୍ର ବସବାସ କରୁଥିବାରୁ ଏବଂ ସେମାନଙ୍କର ସଂସ୍କୃତି ତଥା ସାମାଜିକ ଚଳଣିରେ ଅନେକ ସାମଞ୍ଜସ୍ୟ ଥିବାରୁ ଏମାନଙ୍କର ସଂଖ୍ୟା ନିର୍ଭୁଲଭାବରେ କରାଯାଇ ପାରିନାହିଁ । ଓଡ଼ିଶାର କନ୍ଧମାନେ ବାସକରୁଥିବା ଅଞ୍ଚଳରେ ମୁଖ୍ୟତଃ ତିନୋଟି ଭାଷା ଗୋଷ୍ଠୀର ଆଦିବାସୀ ବାସକରନ୍ତି ।

(୧) ଆର୍ଯ୍ୟ ଗୋଷ୍ଠୀ - ଭାତ୍ରୀ, ହାଲଦୀ (୨) ଦ୍ରାବିଡ଼ ଗୋଷ୍ଠୀ - କୁଇ, କୁଭି, କଣ୍ଡା, ପେଙ୍ଗୁ (ପେଙ୍ଗୋ) ପାରଜି, ଓଲାରି, ଗଣ୍ଡି, କୋୟା (୩) ମୁଣ୍ଡା ଗୋଷ୍ଠୀ - (ଦକ୍ଷିଣୀ ମୁଣ୍ଡା) - ସୋରା (ଶବର), ଗୋରୁମ୍ (ପାରେଙ୍ଗା), ଗୁଡବ (ଗଦ୍‌ବା), ରେମୋ (ବଣ୍ଡା), ଗତାଃ (ଡିଡାୟୀ) ।

କୁଭି ଦ୍ରାବିଡ଼ ଭାଷା-ପରିବାର ଅନ୍ତର୍ଭୁକ୍ତ ଏବଂ ଏହାର ଆନୁବଂଶିକ ବା ଉତ୍ପତ୍ତିମୂଳକ ବର୍ଗୀକରଣ ନିମ୍ନ ପ୍ରକାର :

ପ୍ରନ୍ କେନ୍ଦ୍ରାଞ୍ଚଳୀୟ ଦ୍ରାବିଡ଼




କୁଭି ଏକ କଥିତ ଭାଷା । ଏହାର ନିଜସ୍ୱ ଲିପି ନାହିଁ । ତେଣୁ ଏ ଭାଷାର ବିଧିବଦ୍ଧ ସାହିତ୍ୟ ନାହିଁ କହିଲେ ଚଳେ । କନ୍ଧମାନେ ଇଂରେଜ ସରକାରଙ୍କ ବିରୁଦ୍ଧରେ ବିଭିନ୍ନ ସମୟରେ (୧୮୧୭ ପରେ) ପ୍ରତ୍ୟକ୍ଷ ବିଦ୍ରୋହ କରିଥିଲେ । ସେମାନଙ୍କର ଏହି ବିଦ୍ରୋହକୁ ଦମନ କରିବା ନିମନ୍ତେ ପ୍ରଥମେ ଶାସକବର୍ଗ ଓ ପରେ ମିଶନାରୀମାନେ କନ୍ଧ ଅଧ୍ୟୁଷିତ ଅଞ୍ଚଳରେ ପ୍ରବେଶ କରିଥିଲେ । କନ୍ଧ ସମାଜରେ ପ୍ରଚଳିତ ମେରିଆ (ନରବଳି) ପ୍ରଥାର ଉଚ୍ଛେଦ ଇଂରେଜମାନଙ୍କଦ୍ୱାରା ହିଁ ହୋଇଥିଲା । କନ୍ଧମାନଙ୍କ ସଂସ୍ପର୍ଶରେ ଆସି କେତେକ ସେମାନଙ୍କର ଭାଷା ଓ ସଂସ୍କୃତି ସମ୍ବନ୍ଧରେ ଆଲୋଚନା କରିଯାଇଛନ୍ତି ।

କୁଭିମାନେ ଅଧୁନା ରାୟଗଡା ଜିଲ୍ଲାର ବିସମ କଟକ ଅଞ୍ଚଳରୁ ଆରମ୍ଭ କରି କୋରାପୁଟ ପର୍ଯ୍ୟନ୍ତ ବ୍ୟାପ୍ତ । ଏକ ବିସ୍ତୀର୍ଣ୍ଣ ଅଞ୍ଚଳରେ ବସବାସ କରୁଥିବାରୁ ଏମାନଙ୍କ ଭାଷାରେ ଉପଭାଷିକ ବିଳକ୍ଷଣ ଦେଖାଯାଏ । ଏହି ପୁସ୍ତିକାର ସଂଗୃହୀତ ଉପାଦାନ ନାରାୟଣ ପାଟଣା ବନ୍ଧୁଗାଁ, ଲକ୍ଷ୍ମୀପୁର ଅଞ୍ଚଳରେ ବସବାସ କରୁଥିବା କନ୍ଧମାନଙ୍କ ଭାଷାକୁ ନେଇ ସଂକଳନ କରାଯାଇଛି ।

କୁଭି ଭାଷାର ମୁଖ୍ୟତଃ ଦୁଇଟି ଉପଭାଷା (Dialects) : (କ) ଲକ୍ଷ୍ମୀପୁର, ନାରାୟଣ ପାଟଣା, ବନ୍ଧୁଗାଁ ଅଞ୍ଚଳର ଲୋକମାନଙ୍କ ଭାଷା (ଖ) ବିସମ କଟକ, କଲ୍ୟାଣସିଂ ପୁର ଅଞ୍ଚଳରେ ବାସକରୁଥିବା କନ୍ଧମାନଙ୍କର ଭାଷା ।

ଆଦିବାସୀ ଭାଷା ଓ ସଂସ୍କୃତି ଏକାଡ଼େମୀ ପୂର୍ବରୁ କୁଭି ଭାଷାରେ ଭାଷା ଓ ଶବ୍ଦକୋଷ ସମ୍ପର୍କୀତ ଗୋଟିଏ ପ୍ରାମାଣିକ ପୁସ୍ତକ ପ୍ରକାଶ କରିଛି । ଏଥିରେ କୁଭି ବ୍ୟାକରଣର ପ୍ରାରୂପ ସମ୍ପର୍କରେ ଆଲୋଚନା କରାଯାଇଛି । ତେବେ କୁଭି ଭାଷାକୁ ସହଜ ଓ ସରଳଭାବରେ ଶିଖିବା ପାଇଁ ସମ୍ପ୍ରତି ଏକାଡେମୀ ଦ୍ୱାରା "କୁଭି ଭାଷା ଶିକ୍ଷଣ ପୁସ୍ତିକା"ର ପରିକଳ୍ପନା କରାଯାଇଛି ।

ଭାଷାଶିକ୍ଷଣ ପ୍ରକ୍ରିୟା ଏକ ଜଟିଳ ପଦ୍ଧତି । କିନ୍ତୁ ଥରେ ଆୟତ୍ତ ହୋଇଗଲେ ଶିକ୍ଷଣ ପଦ୍ଧତି ସରଳ ହୋଇଥାଏ । ଏହି ସରଳ ପ୍ରକ୍ରିୟା ଆଉ କି ପଦ୍ଧତି ଅବଲମ୍ବନରେ ସରଳତର ହେବ ତାହା ପାଠକୀୟ ଆବେଦନ ଉପରେ ନିର୍ଭର କରେ । ଏହି ସଂକଳନଟି ଏକ ପ୍ରାଥମିକ ପଦକ୍ଷେପ । ପାଠକଙ୍କ ମତାମତି ଲାଭ କଲାପରେ ଏକାଡ଼େମୀ ଆହୁରି ସୁଗମ କରାଯିବାର ଯୋଜନା ରଖିବ । ପରବର୍ତ୍ତି ସଂସ୍କରଣରେ ପାଠକଙ୍କ ମତାମତକୁ ସମ୍ମାନ ଜଣାଇ ଆବଶ୍ୟକୀୟ ପରିମାର୍ଜନ ଓ ପରିବର୍ଦ୍ଧନ କରିବାକୁ ଚେଷ୍ଟା କରିବ ।

# PRONOUN ସର୍ବନାମ

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| I | ମୁଁ | ନାନୁ |
| We | ଆମ୍ଭେମାନେ | ମାର |
| You | ତୁ | ନିନୁ |
| You | ତୁମେ | ମିରୁ |
| You | ତୁମ୍ଭେମାନେ | ମିମୁହାଲେଁ |
| He | ସେ (ପୁ) | ଏୱାସି |
| She | ସେ (ସ୍ତ୍ରୀ) | ଏଦି |
| It/This | ଏହା | ଇଦି |
| They | ସେମାନେ | ଏୱାରି |
| Thou | ତୁମ୍ଭେମାନେ | ଏୱାସିକା |
| Thee | ତୋତେ | ନିଙ୍ଗ |
| (To you) | ତୁମକୁ | ମିଙ୍ଗ |
| Me | ମୋତେ | ନାଙ୍ଗ |
| You | ତୁମ୍ଭକୁ / ତୁମ୍ଭମାନଙ୍କୁ | ମିଙ୍ଗତାକି |
| His | ତାହାର/ ତାଙ୍କର | ଏୱାଣିୱାଇ |
| Her | ତାକୁ / ତାହାର | ଏୱାରି ୱାଇ |
| Him | ତାହାକୁ / ତାଙ୍କୁ | ତାଙ୍ଗ |
| Us | ଆମ୍ଭମାନଙ୍କୁ | ଏଦାଣାକି |
| Them | ସେମାନଙ୍କୁ | ମାଙ୍ଗେତାକି |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| My | ମୋର | ଏଓ୍ୱାରାକି |
| Your | ତୋର | ନାଦି |
| Your | ତୁମ୍ଭର / ତୁମ୍ଭମାନଙ୍କର | ନିଦି |
| Our | ଆମ୍ଭର / ଆମ୍ଭମାନଙ୍କର | ମିଓ୍ୱି |
| Their | ସେମାନଙ୍କର | ମାଓ୍ୱି |
| Of thee | ଏମାନଙ୍କର | ଏଓ୍ୱାରିଓ୍ୱାଇ |
| Myself | ମୁଁ ନିଜେ | ନାନୁନିଚେ |
| Yourself | ତୁ ନିଜେ | ନିନୁନିଚେ |
| | ତୁମେ ନିଜେ | ମିରୁନିଚେ |
| Himself | ସେ ନିଜେ | ଏଓ୍ୱାସିନିଚେ |
| Herself | ସେ ନିଜେ ( ସ୍ତ୍ରୀ) | ଏଦିନିଚେ |
| Ourselves | ଆମ୍ଭେମାନେ ନିଜେ | ମାରନିଚେ |
| Yourselves | ତୁମ୍ଭେମାନେ ନିଜେ | ମିରୁନିଚେ |
| Themselves | ସେମାନେ ନିଜେ | ଏଓ୍ୱାଗିନିଚେ |
| These | ଏଗୁଡ଼ିକ / ଏସବୁ | ଇଓ୍ୱିଡ଼ାପା |
| Those | ସେଗୁଡ଼ିକ / ସେସବୁ | ଏଓ୍ୱିଡ଼ାପା |
| Who | କିଏ | ଆମ୍ୱାଆସି |
| What | କ'ଣ | ଏନାଇ |
| Why | କାହିଁକି | ଏନାଆଁତାକି |
| Where | କେଉଁଠାରେ | ଆମ୍ବିକାଣ୍ଡା |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| When | କେତେବେଳେ / କେବେ | ଏଚେଏତା |
| Which | କେଉଁଟି | ଆମ୍ହିୟା |
| Whose | କାହାର | ଆମ୍ଭାରିୱାଇ |
| Whom | କାହାକୁ | ଆମ୍ଭାରାକି |
| How | କିପରି / କେତେ / କେମିତି | ଏନିଖି,ଏଚେକା, ଏନିଖିଁ |
| Howmany | କେତେ ସଂଖ୍ୟକ | ଏଚେକାହିସାବା |
| Howmuch | କେତେ ପରିମାଣ | ଏଚେକା ଆନ୍ନୁ |
| Here | ଏଇଠି | ଇମ୍ଭାଆଁ |
| This | ଏହା | ଇଓ୍ୱ |
| Of these | ଏମାନଙ୍କର | ଇଓ୍ୱାରିୱାଗ |

# FIRST PERSON ପ୍ରଥମ ପୁରୁଷ

| କାରକ | ବିଭକ୍ତି | ଏକବଚନ | |
|---|---|---|---|
| | | ଓଡ଼ିଆ ରୂପ | କୋଭି ରୂପ |
| କର୍ତ୍ତୃ କାରକ | ପ୍ରଥମା | ମୁଁ | ନାଦି |
| କର୍ମ କାରକ | ଦ୍ୱିତୀୟା | ମୋତେ | ନାଙ୍ଗ |
| କରଣ କାରକ | ତୃତୀୟା | ମୋ ଦ୍ୱାରା | ନାତାକି |
| ସଂପ୍ରଦାନ କାରକ | ଚତୁର୍ଥୀ | ମୋ ପାଇଁ | ନାଙ୍ଗତାକି |
| ଅପାଦାନ କାରକ | ପଞ୍ଚମୀ | ମୋ ଠାରୁ | ନାତାକି |
| ସମ୍ବନ୍ଧ କାରକ | ଷଷ୍ଠୀ | ମୋର | ନାଦି |
| ଅଧିକରଣ କାରକ | ସପ୍ତମୀ | ମୋ ଠାରେ | ନାତାଣ୍ଡା |

| ଦ୍ୱିବଚନ | | ବହୁବଚନ | |
|---|---|---|---|
| ଓଡ଼ିଆ ରୂପ | କୋଭି ରୂପ | ଓଡ଼ିଆ ରୂପ | କୋଭି ରୂପ |
| ଆମ୍ଭେ ଦୁହେଁ | ମାରରିଆତଇ | ଆମ୍ଭେମାନେ | ମାରହାଲେଏଁ |
| ଆମ୍ଭ ଦୁହିଁଙ୍କୁ | ମାଙ୍ଗରିଆତଇ | ଆମ୍ଭମାନଙ୍କୁ | ମାଙ୍ଗେ |
| ଆମ୍ଭ ଦୁହିଁଙ୍କଦ୍ୱାରା | ମାଙ୍ଗତାକିଆତେ | ଆମ୍ଭମାନଙ୍କ ଦ୍ୱାରା | ମାଙ୍ଗତାକି |
| ଆମ୍ଭ ଦୁହିଁଙ୍କପାଇଁ | ମାଙ୍ଗରିଆତଇତାକି | ଆମ୍ଭମାନଙ୍କ ପାଇଁ | ମାଙ୍ଗତ୍ରାକି |
| ଆମ୍ଭ ଦୁହିଁଙ୍କଠାରୁ | ମାରିଆତଇତାକି | ଆମ୍ଭମାନଙ୍କଠାରୁ | ମାଙ୍ଗକିହାନା |
| ଆମ୍ଭ ଦୁହିଁଙ୍କର | ମାରିଆତଇ | ଆମ୍ଭମାନଙ୍କର | ମାଙ୍ଗତାକି |
| ଆମ୍ଭ ଦୁହିଁଙ୍କଠାରେ | ମାରିଆତିତାକି | ଆମ୍ଭମାନଙ୍କଠାରେ | ମାଙ୍ଗତାକି |

# SECOND PERSON ଦ୍ୱିତୀୟ ପୁରୁଷ

| କାରକ | ବିଭକ୍ତି | ଏକବଚନ | |
|---|---|---|---|
| | | ଓଡ଼ିଆ ରୂପ | କୋଭି ରୂପ |
| କର୍ତ୍ତୃ କାରକ | ପ୍ରଥମା | ତୁ / ତୁମେ | ମିରୁ |
| କର୍ମ କାରକ | ଦ୍ୱିତୀୟା | ତୋତେ / ତୁମକୁ | ନିଙ୍ଗ / ନିଙ୍ଗ |
| କରଣ କାରକ | ତୃତୀୟା | ତୋ ଦ୍ୱାରା / ତୁମ ଦ୍ୱାରା | ନିତାକି / ମିତାକି |
| ସଂପ୍ରଦାନ କାରକ | ଚତୁର୍ଥୀ | ତୋ ପାଇଁ/ତୁମ ପାଇଁ | ମିଙ୍ଗତାକି |
| ଅପାଦାନ କାରକ | ପଞ୍ଚମୀ | ତୋ ଠାରୁ/ତୁମଠାରୁ | ନିତାଣା / ନିତାଣା |
| ସମ୍ବନ୍ଧ କାରକ | ଷଷ୍ଠୀ | ତୋର/ ତୁମର | ନିଦି / ମିଦି |
| ଅଧିକରଣ କାରକ | ସପ୍ତମୀ | ତୋ ଠାରେ / ତୁମଠାରେ | ନିତାଣା |

| ଦ୍ୱିବଚନ | | ବହୁବଚନ | |
|---|---|---|---|
| ଓଡ଼ିଆ ରୂପ | କୋଭି ରୂପ | ଓଡ଼ିଆ ରୂପ | କୋଭି ରୂପ |
| ତୁମ୍ଭେ ଦୁହେଁ | ମିରୁରିଆ ତେରି | ତୁମ୍ଭେମାନେ | ମିରୁହାଲେଁ |
| ତୁମ୍ଭ ଦୁହିଁଙ୍କୁ | ମିଙ୍ଗରିଆ ତେରି | ତୁମ୍ଭମାନଙ୍କୁ | ମିଙ୍ଗତାକି |
| ତୁମ୍ଭ ଦୁହିଁଙ୍କଦ୍ୱାରା | ମିରିଆରି ତାକି | ତୁମ୍ଭମାନଙ୍କ ଦ୍ୱାରା | ମିଙ୍ଗତାକି |
| ତୁମ୍ଭ ଦୁହିଁଙ୍କପାଇଁ | ମିଙ୍ଗରିଆ ତେରି ତାକି | ତୁମ୍ଭମାନଙ୍କ ପାଇଁ | ମିଙ୍ଗତାକି |
| ତୁମ୍ଭ ଦୁହିଁଙ୍କଠାରୁ | ମିରିଆରି ଓ୍ୱାକି | ତୁମ୍ଭମାନଙ୍କଠାରୁ | ମିଙ୍ଗତାକି |
| ତୁମ୍ଭ ଦୁହିଁଙ୍କର | ମିରିଆତେରି | ତୁମ୍ଭମାନଙ୍କର | ମିଙ୍ଗତାକି |
| ତୁମ୍ଭ ଦୁହିଁଙ୍କଠାରେ | ମିରିଆତେରି ତାକି | ତୁମ୍ଭମାନଙ୍କଠାରେ | ମିଙ୍ଗତାକି |

# THIRD PERSON ତୃତୀୟପୁରୁଷ

| କାରକ | ବିଭକ୍ତି | ଏକବଚନ | |
|---|---|---|---|
| | | ଓଡ଼ିଆ ରୂପ | କୋଭି ରୂପ |
| କର୍ତ୍ତୃ କାରକ | ପ୍ରଥମା | ସେ | ଏଓ୍ଵାସି |
| କର୍ମ କାରକ | ଦ୍ୱିତୀୟା | ତାକୁ | ଏଓ୍ଵାଣାକି |
| କରଣ କାରକ | ତୃତୀୟା | ତାହା ଦ୍ୱାରା | ଏଓ୍ଵାଣିତାକି |
| ସଂପ୍ରଦାନ କାରକ | ଚତୁର୍ଥୀ | ତାହା ପାଇଁ | ଏଦାଁତାକି |
| ଅପାଦାନ କାରକ | ପଞ୍ଚମୀ | ତାହା ଠାରୁ/ତାଙ୍କ ଠାରୁ | ଇଦାଁତାକି<br>ଏଓ୍ଵାରିତାକି |
| ସମ୍ବନ୍ଧ କାରକ | ଷଷ୍ଠୀ | ତାହାର /ତାଙ୍କର | ଏଓ୍ଵାପିଓ୍ଵାଇ<br>ଏଓ୍ଵାରିଓ୍ଵାଇ |
| ଅଧିକରଣ କାରକ | ସପ୍ତମୀ | ତାହା ଠାରେ | ଏଓ୍ଵାରି /ତାଣା |

| ଦ୍ୱିବଚନ | | ବହୁବଚନ | |
|---|---|---|---|
| ଓଡ଼ିଆ ରୂପ | କୋଭି ରୂପ | ଓଡ଼ିଆ ରୂପ | କୋଭି ରୂପ |
| ସେ ଦୁହେଁ | ଏଓ୍ଵାରି ରିଆରି | ସେମାନେ | ଏଓ୍ଵାରି |
| ସେ ଦୁହିଁଙ୍କୁ | ଏଓ୍ଵାରି ତାକି | ସେମାନଙ୍କୁ | ଏଓ୍ଵାରାକି |
| ସେ ଦୁହିଁଙ୍କଦ୍ୱାରା | ଏଓ୍ଵାରି ରିଆରି ତାକି | ସେମାନଙ୍କ ଦ୍ୱାରା | ଏଓ୍ଵାରି ତାକି |
| ସେ ଦୁହିଁଙ୍କପାଇଁ | ଏରିଆରି ତାକି | ସେମାନଙ୍କ ପାଇଁ | ଏଓ୍ଵାରାକି ତାକି |
| ସେ ଦୁହିଁଙ୍କଠାରୁ | ଏଓ୍ଵାରି ତାକି | ସେମାନଙ୍କଠାରୁ | ଏଓ୍ଵାରାକି ତାକି |
| ସେ ଦୁହିଁଙ୍କର | ଏଓ୍ଵାରି ରିଆରି ତାକି | ସେମାନଙ୍କର | ଏଓ୍ଵାରି ଓ୍ଵାଇ |
| ସେ ଦୁହିଁଙ୍କଠାରେ | ଏଓ୍ଵାରି ତାକି | ସେମାନଙ୍କଠାରେ | ଏଓ୍ଵାରି ତାଣା |

# କିଏ

| ଏକବଚନ | | | |
|---|---|---|---|
| କାରକ | ବିଭକ୍ତି | ଓଡ଼ିଆ ରୂପ | କୋଭି ରୂପ |
| କର୍ତ୍ତା କାରକ | ପ୍ରଥମା | କିଏ | ଆମ୍ବାଆସି |
| କର୍ମ କାରକ | ଦ୍ୱିତୀୟା | କାହାକୁ | ଆମ୍ବାରାକି |
| କରଣ କାରକ | ତୃତୀୟା | କାହା ଦ୍ୱାରା | ଆମ୍ବାରି ତାକି |
| ସଂପ୍ରଦାନ କାରକ | ଚତୁର୍ଥୀ | କାହା ପାଇଁ | ଏମ୍ବାରିକି |
| ଅପାଦାନ କାରକ | ପଞ୍ଚମୀ | କାହାଠାରୁ | ଆମ୍ବାରି ତାକି |
| ସମ୍ବନ୍ଧ କାରକ | ଷଷ୍ଠୀ | କାହାର | ଆମ୍ବାରି ୱାଇ |
| ଅଧିକରଣ କାରକ | ସପ୍ତମୀ | କାହାଠାରେ | ଆମ୍ବାରି ତାତା |

| ବହୁବଚନ | | | |
|---|---|---|---|
| କାରକ | ବିଭକ୍ତି | ଓଡ଼ିଆ ରୂପ | କୋଭି ରୂପ |
| କର୍ତ୍ତା କାରକ | ପ୍ରଥମା | କେଉଁମାନେ | ଆମ୍ବାଆରି |
| କର୍ମ କାରକ | ଦ୍ୱିତୀୟା | କେଉଁମାନଙ୍କୁ | ଏମ୍ବାରାକି |
| କରଣ କାରକ | ତୃତୀୟା | କେଉଁମାନଙ୍କ ଦ୍ୱାରା | ଆମ୍ବାରିତାକି |
| ସଂପ୍ରଦାନ କାରକ | ଚତୁର୍ଥୀ | କେଉଁମାନଙ୍କ ପାଇଁ | ଆମ୍ବାରି ତାକି |
| ଅପାଦାନ କାରକ | ପଞ୍ଚମୀ | କେଉଁମାନଙ୍କଠାରୁ | ଆମ୍ବାରି ତାଣାଟି |
| ସମ୍ବନ୍ଧ କାରକ | ଷଷ୍ଠୀ | କେଉଁମାନଙ୍କର | ଆମ୍ବାରିୱାଇ |
| ଅଧିକରଣ କାରକ | ସପ୍ତମୀ | କେଉଁମାନଙ୍କଠାରେ | ଏମ୍ବାରି ୱାକି |

# PARTS OF THE BODY

## ଶରୀରର ଅଙ୍ଗପ୍ରତ୍ୟଙ୍ଗ

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Head and Trunk | ମୁଣ୍ଡ ଓ ଗଣ୍ଡି | ତ୍ରାୟୁଁ, ଗଣ୍ଡି |
| Face | ମୁହଁ | ମୁମ୍ବୁ |
| Mouth | ପାଟି | ଗୁତି |
| Eye | ଆଖି | କାନୁ |
| Eye Lid | ଆଖିପତା | କାନୁଡ଼ାଣ୍ଡଓ୍ୱା |
| Tooth | ଦାନ୍ତ | ପାଁଲୁ |
| Tongue | ଜିଭ | ଓ୍ୱେନ୍ଦରି |
| Forehead | କପାଳ | ମୁମ୍ଭୁ |
| Skull | ଖପୁରୀ | ଗିର୍ପା |
| Brain | ମସ୍ତିଷ୍କ | ନେଜେଡି |
| Cheek | ଗାଲ | ଗେଏଲା |
| Hair | ବାଳ | ଡାଣା |
| Ear | କାନ | କେରିୟୁ |
| Throat | ଗଳା | ଗରଣ |
| Neck | ବେକ | ନେହର୍କି |
| Ribs | ପଞ୍ଜରା | ପାଯାରା |
| Chest | ଛାତି | ବକ |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
| --- | --- | --- |
| Lungs | ଫୁସ୍‌ଫୁସ୍ | ପସ୍ୱା |
| Spleen | ପ୍ଲିହା | ଟିକୁଉଣୀ |
| Stomach | ପାକସ୍ଥଳୀ | ଏରାବକ |
| Belly | ପେଟ | ବାଣ୍ଡି |
| Abdomen | ତଳିପେଟ | ଡକିବାଣ୍ଡି |
| Shoulder | କାନ୍ଧ | ବମି |
| Arm | ବାହୁ | ବମିକମ୍ନୁ |
| Elbow | କହୁଣୀ | କହଣୀ |
| Hand | ହାତ | କେୟୁ |
| Palm | ପାପୁଲି | ମାହିକେୟୁ |
| Finger | ଆଙ୍ଗୁଠି | ଓ୍ୱାଞ୍ଜୁ |
| Left Hand | ବାମ ହାତ | ଟେବେରିକେୟୁ |
| Right Hand | ଡାହାଣ ହାତ | ଟିଇନିକେୟୁ |
| Nose | ନାକ | ମୁଙ୍ଗେଲି |
| Lip | ଓଠ | ବୁଓ୍ୱା |
| Chin | ଥୋଡ଼ି | ତଡି |
| Tonsil | ଘଣ୍ଟିକା | ଘିଲେଣି |
| Wrist | ମଣିବନ୍ଧ | କିହେଣୀ |
| Nail | ନଖ | ଗର୍କା |
| Thumb | ବୃଦ୍ଧାଙ୍ଗୁଳି | ଡାଲିଓ୍ୱାଞ୍ଜୁ |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Fore Finger | ତର୍ଜନି | ଗିଲିଓ୍ୱାଞ୍ଜୁ |
| Middle Finger | ମଧ୍ୟମା | ମାଦିଓ୍ୱାଞ୍ଜୁ |
| Ring Finger | ଅନାମିକା | ନାଲାଗୁଓ୍ୱାଞ୍ଜୁ |
| Little Finger | କନିଷ୍ଠା | କାଣିଓ୍ୱାଞ୍ଜୁ |
| Navel | ନାଭି | ପୁଲେଣୀ |
| Back | ପିଠି | କେନ୍ଦୁ |
| Backbone | ମେରୁଦଣ୍ଡ | ମୁଦ୍ରାପେଡ଼ୁନ୍ଦୁ |
| Waist | ଅଣ୍ଟା | ଟେଡେଲି |
| Armpit | କାଖ | ବାହା |
| Thigh | ଜଙ୍ଘ | କୁଦୁଗୁ |
| Anus | ମଳଦ୍ୱାର | ମୁଡ଼ି |
| Skin | ଚମଡ଼ା | ତଲୁ |
| Umbilical Cord | ନାଭିପୋଛା | ପୁଲେଣିଡ଼ଇ |
| Knee | ଆଣ୍ଠୁ | ମେଣ୍ଡାୟାଁ |
| Leg | ଗୋଡ଼ | କଡ଼ା |
| Ankle | ବଳାଗଣ୍ଠି | କଡ଼ାହାନ୍ଦିୟାଁ |
| Foot | ପାଦ | ପାଆନା |
| Heel | ଗୋଇଠି | ମୁଦିପାଓ୍ୱାନା |
| Sole | ତଳିପାଦ | ପାଆନାଡଇ |
| Toe | ପାଦ ଆଙ୍ଗୁଠି | ଓ୍ୱାଞ୍ଜୁଡଇ |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Breast | ସ୍ତନ | ରାଙ୍ଗୁ |
| Liver | ଯକୃତ | ତ୍ରାନା |
| Buttock | ପିଚା | ଟିକୁଉଣୀ |
| Lap | କୋଳ | ଗେଏଲା |
| Pulse | ନାଡ଼ି | ସାନ୍ଦାୟାଁ |
| Kidney | ମୂତ୍ରକୋଷ | ମୁଣ୍ଡୁକାଗାରି |
| Heart | ହୃଦୟ | ନିତାକି |
| Bone | ହାଡ଼ / ଅସ୍ଥି | ତୁମ୍ବୁ |
| Tear | ଲୁହ | କାଣ୍ଡୁରୁ |
| Body | ଶରୀର | ଆଙ୍ଗା |
| Eye brow | ଭ୍ରୂଲତା | କାନୁଡ଼ାଣ୍ଡୱା |
| Unethra | ମୁତ୍ରଦ୍ୱାର | ମୁଣ୍ଡୁକାଯିୟୁ |
| Nipple | ସ୍ତନାଗ୍ର | ରାଙ୍ଗୁକାଶୁ |

# NATURAL NAMES ପ୍ରାକୃତିକ ନାମ

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Forest | ଜଙ୍ଗଲ | ଢାଡା |
| Hill | ପାହାଡ଼ | ହରୁ |
| Stream | ଝରଣା | ଜାରାଣା |
| River | ନଦୀ | କାଡ଼ା |
| Stone | ପଥର | ୱାଲୁ |
| Earth | ପୃଥିବୀ | ପୃଥି |
| Sand | ବାଲି | ବାଇଲି |
| Air / Wind | ପବନ / ବାୟୁ | ଗାଲି |
| Water | ପାଣି | ଏୟୁ |
| Sun | ସୂର୍ଯ୍ୟ | ୱେଡ଼ା |
| Moon | ଚନ୍ଦ୍ର | ଲେଞ୍ଜୁ |
| Sky | ଆକାଶ | ହାଗ୍ଗଲେକ |
| Star | ତାରକା | ହୁକା |
| Thunder | ଚଡ଼ଚଡ଼ି / ଘଡ଼ଘଡ଼ି | ବିଜିଲି |
| Lightening | ବିଜୁଳି | ବିଜୁଲି |
| Rain | ବର୍ଷା | ପିୟୁ |
| Ray | କିରଣ | ଉଦେଡି |
| Cloud | ବାଦଲ | ହାଗୁ |
| Moon light | ଚନ୍ଦ୍ର କିରଣ | ଲେଞ୍ଜୁଉଜେଡ଼ି |
| Sun light | ସୂର୍ଯ୍ୟ କିରଣ | ୱେଗ ଉଜେଡ଼ି |
| Full moon | ପୂର୍ଣ୍ଣମୀ | ପୁନି |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| New moon | ଅମାବାସ୍ୟା | କାଡ଼କି |
| Solar Eclipse | ସୂର୍ଯ୍ୟପରାଗ | ଓ୍ୱୋଗ ଦାର୍ଣକି |
| Lunar Eclipse | ଚନ୍ଦ୍ରଗ୍ରହଣ | ଲେଗ ଦାର୍ଣକି |
| Fortnight | ପକ୍ଷ | ଓ୍ୱାରା |
| Dark fortnight | କୃଷ୍ଣପକ୍ଷ | ଓ୍ୱାରା ଦ୍ରାପୁ |
| Bright fortnight | ଶୁକ୍ଳପକ୍ଷ | ଓ୍ୱାରା ପ୍ରୁୟୁ |
| Wind | ପବନ | ଗାଲି |
| Strom | ଝଡ | ଗାଡିପିୟୁ |

# LAND TYPE ଜମି କିସମ

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Land | ଜମି | ବୁମି |
| Dry land | ଢିପ ଜମି | ଲେକ ବୁମି |
| Wet land | ନାଲି ଜମି /ବାହଲ ଜମି | ହିଞ୍ଜା ବୁମି |
| Hill Slope land | ପାହାଡ଼ିଆ ଢାଲୁ ଜମି | ହରୁ ବୁମି |
| Hilly land | ପାହାଡ଼ିଆ ଜମି | ହରୁ ବୁମିୟାଁ |
| Kitchen garden | ବଗିଚା | ବାଡ଼ା |
| Guda land (Up-land) | ଢିପ ଜମି | କାଦା ବୁମି |
| Midium land | ମାଳ ଜମି | କାତା ବୁମି |
| Plâteau | ମାଳଭୂମି | ଢାଡ଼ା ବୁମି |
| River bank | ନଦୀ କୂଳ | କାଡ଼ା ଦାରି |

# NAME OF THE CROPS ଶସ୍ୟର ନାମ

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Paddy | ଧାନ | କୁଉଲି |
| Wheat | ଗହମ | ଗହିଁ |
| Regi | ମାଣ୍ଡିଆ | ମାଣ୍ଡିୟା |
| Minor Millet | ଗୁଳଜି / ଚଣା | ଶାଣା |
| Kodoi | କୋଦୁଅ | କୁଲୁଁ |
| Maize | ମକା | ଜନା |
| Jowar | ଗଙ୍ଗାଇ | |
| Cotton | କପା | କାପି |
| Red gram | ହରଡ଼ | କାଙ୍ଗା ମାରୁନ୍ନୁ |
| Black gram | ବିରି | ବିରିହି |
| Horse gram | କୋଳଥ | କଚାୟାଁ |
| Green gram | ମୁଗ | ମୁଗିପାପୁ |
| Lentils | ମସୁର | ମୁଶ୍ରିପାପୁ |
| Ground gram | ବୁଟ | ବୁଟି |
| Pea | ମଟର ଛୁଇଁ | ବଟରାୟାଁ |
| Sesamum | ରାଶି | ମାଗି |
| Mustard | ଅଳସୀ | ହାର୍ଷୁ |
| Nizar | ଡାଲି | ଆ!ଲିସି |
| Dal | ବାଦାମ | ପାପୁ |
| Ground nut | ଶିମ୍ବ | ସେଲେଙ୍ଗା |
| Bean | ଶୋରିଷ | ହୁହୁଓ୍ୱ |

| FLOWER ଫୁଲ | | |
|---|---|---|
| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
| Flower | ଫୁଲ | ପୁୟୁ |
| Marigold | ଗେଣ୍ଡୁ | |
| Rose | ଗୋଲାପ | ମେଣ୍ଡାଲି |
| China rose | ମନ୍ଦାର | ଗେଲେଇ |
| Tulip | ମଲ୍ଲୀ | ମାନ୍ଦାଲ |
| Moonbean | ଟଗର | ମାଲିଇ |
| Lotus | ପଦ୍ମ | ପଦମ ପୁୟୁ |
| Keruan | କୁରେଇ | |
| Oleander | କନିଅର | |
| Holy basil | ତୁଳସୀ | ତୁଲିସି |
| Sun flower | ସୂର୍ଯ୍ୟମୁଖୀ | ଓ୍ୱେଡ଼ାପୁୟୁ |
| Starmoney flower | ଦୂଦୁରା | ଦୁଦିପୁୟୁ |
| Tube rose | ରଜନୀଗନ୍ଧା | |
| Jasmine | ଯୁଇ | |
| Lilly | ଜଇଁ | |
| Screw pine | କେତକୀ | |
| China bux | କାମିନୀ | |
| Palash flower | ପଳାଶ | |

# NAME OF THE TREES ଗଛର ନାମ

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Tree | ଗଛ / ବୃକ୍ଷ | ମାରୁନ୍ରୁ |
| Mango | ଆମ୍ବ | ମାହାଁଆଁ |
| Cashew | ଲଙ୍କାଆମ୍ବ | ମିରିସି ମହାଁଆଁ |
| Jack fruit | ପଣସ | ପାଣାହାଁ |
| Papaya | ଅମୃତଭଣ୍ଡା | ପାଲୁ କିଏଣି |
| Banana | କଦଳୀ | ଡାଡ଼ି |
| Fig | ଡିମିରି | ଡୁମ୍ବେରି |
| Mahua | ମହୁଲ | ଇରିପି |
| Kendu | କେନ୍ଦୁ | ଦୁରି |
| Palm Tree | ତାଳଗଛ | ତାଡ଼ା ମାରୁନ୍ରୁ |
| Black berry | ଜାମୁକୋଳି | ଜାମ୍ବୁ |
| Kusum | କୁସୁମ | ପୁଙ୍ଗା |
| Bel tree | ବେଲଗଛ | ବେଲା ମାରନ୍ରୁ |
| Teak tree | ଶାଗୁଆନ୍ ଗଛ | ଶାଗିଆ ମାରନ୍ରୁ |
| Sal tree | ଶାଳ ଗଛ | ଶାଗି ମାରନ୍ରୁ |
| Fl‍ x plant | ଛଣପଟ ଗଛ | |
| Bamboo | ବାଉଁଶ | ଦେବ୍ରୁ |
| Tam‍arind | ତେନ୍ତୁଳୀ | ପୁଲା |
| Pe‍ul tree | ଅଶ୍ୱତ୍ଥ ବୃକ୍ଷ | ପରିଡ଼ି |
| N‍em | ନିମ୍ବ | ନିମ୍ବା |
| Dr‍m stick | ସଜନା | |
| Lemon | ଲେମ୍ବୁ | ଲିମ୍ବାଆଁ |
| Be‍ry | ବରକୋଳି | କାଦେରି |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Banyan tree | ବରଗଛ | ପର୍ଡ଼ି ମାରୁନୁ |
| Flaver tree | କଦମ୍ବ | |
| Pongamia glalua | କରଞ୍ଜ | କାରିଞ୍ଜି |
| Terminelia chefula | ହରିଡ଼ା | ଟାଣ୍ଡି |
| Bahada | ବାହାଡ଼ା | ସାଣ୍ଡି |
| Amla | ଅଁଳା | ଯୁରୁଆ |
| Silk cotton | ସିମୁଳି | ସେଲେଣିମାରନୁ |

# DESCRIPTION OF HOUSE

## ଘରର ବିବରଣୀ

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| House | ଘର | ଇଲୁ |
| Cattle shed | ଗୁହାଳ | ହାଆଲା |
| Roof | ଛାତ | ଇଲୁ ଲେକ |
| Floor | ଚଟାଣ | ଡ଼ଇ |
| Wall | କାନ୍ଥ | କୁଡୁ |
| Beam | କଡ଼ି | କଡିଗି |
| Door | କବାଟ | ଦାରା |
| Window | ଝରକା | ଦାରାପାଟା |
| Doorsil | ଏରୁଣ୍ଡି | ଦାରାବନ୍ଧୁ |
| Gate | ଫାଟକ | ଗେଟି |
| Dining room | ଖାଇବାଘର | ତିନିଇଲୁ |
| Pillar | ଖୁଣ୍ଟି | କୁଟି |
| Verandah | ବାରଣ୍ଡା | ଡଙ୍ଗ |
| Court-yard | ଅଗଣା | ଆଙ୍ଗେଣୀ |

## IMPLEMENTS ସରଞ୍ଜାମ

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Plough | ଲଙ୍ଗଳ | ନାଙ୍ଗେଲି |
| Handle of plough | ଲଙ୍ଗଳମୁନ | ନାଙ୍ଗେଲିମୁନା |
| Goad | ଆଙ୍କଗ | |
| Yoke | ଯୁଆଳୀ | ଯୁୱେଡ଼ି |
| Spade | କୋଦାଳ / କୋଡ଼ି | କଡ଼ଣୀ |
| Axe | ଟାଙ୍ଗିଆ / କୁରାଢ଼ି | କାଡ଼ିଲି |
| Sickle | ଦାଆ | କୱା ଡ଼ୱେଲି |
| Carrying rope | ଶିକା | ହିକାମାତୁ |
| Carrying pole | ବାହୁଙ୍ଗୀ | କାଚା |
| Mace / club | ଠେଙ୍ଗା | ଟେଙ୍ଗା |
| Row | କାତ | ବାଡ଼ାଗା |
| Spindle | ତାକୁଡ଼ି | ବାରେଗୁଣ୍ଡି |
| Boat | ଡଙ୍ଗା | ଡ଼ାଙ୍ଗା |
| Bow | ଧନୁ | ୱେଲୁ |
| Arrow | ତୀର | ଆମ୍ବୁ |
| Winnowing fan | କୁଲା | ହେଚି |
| Fishing hook | ବନଶୀକଣ୍ଟା | ଟାବାଗାକାଟା |
| Spear | ବରଛା | ଇଟା |
| Vegetable chopper | ପନିକି | ପିନିକିଆଁ |
| Bill hook | କଟୁରୀ | ପିପେଲି |
| Hoe | କୋଡ଼ି | କଡ଼ଗି |
| Crowbar | ଶାବଳ | ହାବାଡ଼ା |
| Hatchet | ଟାଙ୍ଗିଆ | କାଡ଼ିଲି |
| Plane | ମଇ | |
| Grinder | ଶିଳ | ୱାଲୁଡ଼େଏନି |
| Stick | ବାଡ଼ି | ବାଡ଼ାଗା |
| Knife | ଛୁରୀ | କାଣ୍ଡା |

| DAYS ବାର | | |
|---|---|---|
| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
| Sunday | ରବିବାର | ଓ୍ୱାରମି |
| Monday | ସୋମବାର | ସମ୍ଧାରା |
| Tuesday | ମଙ୍ଗଳବାର | ମାଙ୍ଗାଡ଼ାରା |
| Wednesday | ବୁଧବାର | ପୁଦାରା |
| Thursday | ଗୁରୁବାର | ଲାକିବାର |
| Friday | ଶୁକ୍ରବାର | ଶୁକ୍ରିବାର |
| Saturday | ଶନିବାର | ଶାନାରା |

| MONTHS ମାସ | | | |
|---|---|---|---|
| January | ପୌଷ-ମାଘ | ବୈଶାଖ | ଲାଣ୍ଡି |
| February | ମାଘ-ଫାଲ୍‌ଗୁନ | ଜ୍ୟେଷ୍ଠ | ଜେଟି |
| March | ଫାଲ୍‌ଗୁନ-ଚୈତ୍ର | ଆଷାଢ଼ | ଆଷାଡ଼ା |
| April | ଚୈତ୍ର-ବୈଶାଖ | ଶ୍ରାବଣ | ବାଣା |
| May | ବୈଶାଖ-ଜ୍ୟେଷ୍ଠ | ଭାଦ୍ରବ | ବାଦ୍ରାବା |
| June | ଜ୍ୟେଷ୍ଠ-ଆଷାଢ଼ | ଆଶ୍ୱିନ | ଆଶିନ |
| July | ଆଷାଢ଼-ଶ୍ରାବଣ | କାର୍ତ୍ତିକ | କାର୍ତ୍ତେଇ |
| August | ଶ୍ରାବଣ-ଭାଦ୍ରବ | ମାର୍ଗଶୀର | ମାଗାଶୀରା |
| September | ଭାଦ୍ରବ-ଆଶ୍ୱିନ | ପୌଷ | ପୁଷୁ |
| October | ଆଶ୍ୱିନ-କାର୍ତ୍ତିକ | ମାଘ | ମାଗା |
| November | କାର୍ତ୍ତିକ-ମାର୍ଗଶୀର | ଫାଲ୍‌ଗୁନ | ଗୁଣ୍ଡି |
| December | ମାର୍ଗଶୀର-ପୌଷ | ଚୈତ୍ର | ହିରେଇ |

| SEASONS ଋତୁ | | |
|---|---|---|
| Summer | ଗ୍ରୀଷ୍ମ | କାରାଓ୍ୱେଡ଼ା |
| Rainy | ବର୍ଷା | ଆଷାଡ଼ା |
| Autumn | ଶରତ | |
| Dew | ହେମନ୍ତ | |
| Winter | ଶୀତ | |
| Spring | ବସନ୍ତ | |

# COMMON VERBS ସାଧାରଣ କ୍ରିୟା

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Go | ଯିବା | ହାନ |
| Come | ଆସିବା | ୱାନ |
| Sit | ବସିବା | କୁଜନ |
| Eat | ଖାଇବା | ତିନ |
| Drink | ପିଇବା | ଗହନ |
| See | ଦେଖିବା | ମେହେନ |
| Hear / Listen | ଶୁଣିବା | ୱେନ |
| Walk | ଚାଲିବା | ତାକିନ |
| Cook | ରାନ୍ଧିବା | ୱାଜିନ |
| Learn | ଶିଖିବା | ଯାଙ୍ଗିନ |
| Sing | ଗାଇବା | କେର୍ନ |
| Dance | ନୃତ୍ୟ କରିବା | ଏନ୍ଧିନ |
| Bathe | ଗାଧୋଇବା | ମିନ |
| Play | ଖେଳିବା | କାହିନ |
| Jump | ଡେଇଁବା | ଗେଡେମ୍ବିନ |
| Brush | ଦାନ୍ତ ଘଷିବା | ପାଲୁଗାକନ |
| Run | ଦୌଡ଼ିବା | ହାଡ୍ନ |
| Irrigate | ପାଣି ମଡ଼ାଇବା | ଏନ୍ତୁପିଶ୍ୱିକିନ |
| Find | ପାଇବା | ପାଡୁନ |
| Winnow | ପାଛୁଡ଼ିବା | ଏରିସିନ |
| Laugh | ହସିବା | କାକ୍ନ |
| Cry | କାନ୍ଦିବା | ଡିନ |
| Say | କହିବା | ୱେହନ |
| Write | ଲେଖିବା | ରାଚିନ |
| Cultivate | ଚାଷ କରିବା | କାମାକିନ |
| Sleep | ଶୋଇବା | ହୁଡଙ୍ଗୋନ |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Rest | ବିଶ୍ରାମ କରିବା | ଜମିନ |
| Buy | କିଣିବା | କଡିନ |
| Answer | ଉତ୍ତର ଦେବା | ଓ୍ୱେହନ |
| Attack | ଆକ୍ରମଣ କରିବା | ଝିକିକିନ |
| Bring | ଆଣିବା | ତାନ |
| Build | ତିଆରି କରିବା | କେପିନ |
| Call | ଡାକିବା | ହାଟିନ |
| Climb | ଚଢ଼ିବା | ଏଙ୍ଗିନ |
| Cut | କାଟିବା | ଦାନ |
| Dig | ଖୋଳିବା | କାର୍‌ନ |
| Save | ସଞ୍ଚୟ କରିବା | ଇଟିନ୍ |
| Fight | ଲଢ଼େଇ କରିବା | ଲାଗଓ୍ୱିଆନ |
| Fill | ପୂରଣ କରିବା | ପୁରାକିନ |
| Get | ପାଇବା | ପାତୁନ |
| Give | ଦେବା | ହିନ |
| Hang | ଝୁଲାଇବା | ଲୁ କୁନ |
| Help | ସାହାଯ୍ୟ କରିବା | ଗେଲିପିନ |
| Know | ଜାଣିବା | ପୁନ |
| Keep | ରଖିବା | ଇଟିନ |
| Kill | ମାରିବା | ଓ୍ୱେନ |
| Look | ଦେଖିବା | ମେହେଁନ |
| Use | ବ୍ୟବହାର କରିବା | କିହିଓ୍ୱେରିତ |
| Obey | ମାନିବା | ମାନଓ୍ୱିଆନ |
| Put | ରଖିବା | ଇଟିନ |
| Read | ପଢ଼ିବା | ସାଇଓ୍ୱିନ |
| Write | ଲେଖିବା | ରାଚିନ |
| Seek | ଖୋଜିବା | ପାରିନ |

| ଇଂରାଜୀ | ଓଡ଼ିଆ | ଆଦିବାସୀ ଭାଷା |
|---|---|---|
| Sell | ବିକ୍ରି କରିବା | ପାର୍ଚାଥୁନ |
| Stand | ଛିଡ଼ାହେବା | ନିନ |
| Start | ଆରମ୍ଭ କରିବା | ଆରାମକିନ |
| Ask | ପଚାରିବା | ଓ୍ୱେନ |
| Steal | ଚୋରି କରିବା | ଡଙ୍ଗାଆନ |
| Send | ପଠାଇବା | ପାଣ୍ଠିନ |
| Swim | ପହଁରିବା | ପରନ |
| Sweep | ଝାଡୁ କରିବା | ହେପିନ |
| Slay | ହତ୍ୟା କରିବା | ହାଏଓ୍ୱେନ |
| Take | ନେବା | ଅନ |
| Want | ଇଚ୍ଛା କରିବା | ଇଚାକିନ |
| Wear | ପିନ୍ଧିବା | ହୁରୁନ |
| Win | ଜିତିବା | ଜିଣାଆନ |
| Watch | ଜଗିବା | କାନ |
| Wash | ସଫା କରିବା | ଡାଗାରାଚିନ |
| Work | କାମ କରିବା | କାମାକିନ |
| Do | କରିବା | କିନ |
| Fall | ପଡ଼ିଯିବା | ରିଆହାନ |
| Leave | ଛାଡ଼ିବା | ପିଶାହାନ |
| Shut | ବନ୍ଦ କରିବା | ବଳକିନ |
| Sow | ବୁଣିବା | ମାଟିନ |
| Throw | ଫୋପାଡ଼ିବା | କୁତାଥୁନ |
| Teach | ପଢ଼ାଇବା | ପଡକିନ / ମାଦିଓ୍ରିକିନ |
| Spend | ଖର୍ଚ୍ଚ କରିବା | କାଇୁକିନ |
| Think | ଚିନ୍ତା କରିବା | ଅଣପିନ |
| Pray | ପ୍ରାର୍ଥନା କରିବା | ପାର୍ତାଣାକିନ |

# PRESENT TENSE ବର୍ତ୍ତମାନ କାଳ

| | First Person - Singular Number- ପ୍ରଥମ ପୁରୁଷ - ଏକ ବଚନ | First Person Plural Number ପ୍ରଥମ ପୁରୁଷ - ବହୁ ବଚନ |
|---|---|---|
| Present Indefinite<br>ନିତ୍ୟ ପ୍ରବୃତ୍ତ ବର୍ତ୍ତମାନ | I go<br>ମୁଁ ଯାଏ<br>ନାନୁହାଜିମାଇଁ<br>I eat<br>ମୁଁ ଖାଏ<br>ନାନୁଚିଞ୍ଜମାଇଁ | We go<br>ଆମ୍ଭେମାନେ ଯାଉ<br>ମାମ୍ବୁହାଦି ମାନମି<br>We eat<br>ଆମ୍ଭେମାନେ ଖାଉ<br>ମାମ୍ବୁ ଚିଞ୍ଜି ମାନମି |
| Present Imperfect<br>ଅସଂପୂର୍ଣ୍ଣ ବର୍ତ୍ତମାନ | I am going<br>ମୁଁ ଯାଉଛି<br>ନାନୁ ହାଜି ମାଇଁ<br>I am eating<br>ମୁଁ ଖାଉଛି<br>ନାନୁ ଚିଞ୍ଜି ମାଇଁ | We are going<br>ଆମ୍ଭେମାନେ ଯାଉଛୁ<br>ମାମ୍ବୁ ହାଜିମାନମି<br>We are eating<br>ଆମ୍ଭେମାନେ ଖାଉଛୁ<br>ମାମ୍ବୁ ଚିଞ୍ଜି ମାନମି |
| Present Perfect<br>ସଂପୂର୍ଣ୍ଣ ବର୍ତ୍ତମାନ | I have gone<br>ମୁଁ ଯାଇଛି<br>ନାନୁ ହାଜା ମାଇଁ<br>I have eaten<br>ମୁଁ ଖାଇଛି<br>ନାନୁ ଚିଞ୍ଜା ମାଇଁ | We have gone<br>ଆମ୍ଭେମାନେ ଯାଇଛୁ<br>ମାମ୍ବୁ ହାଜା ମାନମି<br>We have eaten<br>ଆମ୍ଭେମାନେ ଖାଇଛୁ<br>ମାମ୍ବୁ ଚିଞ୍ଜା ମାନମି |
| Present Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ବର୍ତ୍ତମାନ | I have been going<br>ମୁଁ ଯାଇ ଆସୁଅଛି<br>ନାନୁ ହାଜା ୱାହି ମାଇଁ<br>I have been eating<br>ମୁଁ ଖାଇ ଆସୁଅଛି<br>ନାନୁ ଚିଞ୍ଜା ୱାହି ମାଇଁ | We have been going<br>ଆମ୍ଭେମାନେ ଯାଇ ଆସୁଅଛୁ<br>ମାମ୍ବୁ ହାଲେଁ<br>We have been eating<br>ଆମ୍ଭେମାନେ ଖାଇ ଆସୁଅଛୁ<br>ଚିଞ୍ଜା ୱାହି ନମି |

| | Second Person - Singular Number<br>ଦ୍ୱିତୀୟ ପୁରୁଷ - ଏକ ବଚନ | Second Person - Plural Number<br>ଦ୍ୱିତୀୟ ପୁରୁଷ - ବହୁ ବଚନ |
|---|---|---|
| Present Indefinite<br>ନିତ୍ୟ ପ୍ରବୃତ୍ତ ବର୍ତ୍ତମାନ | You go<br>ତୁ ଯାଉ<br>ନିନୁ ହାଲା<br>You eat<br>ତୁ ଖାଉ<br>ନିନୁ ତିଞ୍ଜି | You go<br>ତୁମ୍ଭେମାନେ ଯାଅ<br>ମିରୁ ହାଲେଁ ହାଲୁ<br>You eat<br>ତୁମ୍ଭେମାନେ ଖାଅ<br>ମିରୁ ହାଲେଁ ତିଞ୍ଜୁ |
| Present Imperfect<br>ଅସଂପୂର୍ଣ୍ଣ ବର୍ତ୍ତମାନ | You are going<br>ତୁ ଯାଉଛୁ<br>ନିନୁ ହାଜିଞ୍ଜି<br>You are eating<br>ତୁ ଖାଉଛୁ<br>ନିନୁ ତିଞ୍ଜିଞ୍ଜି | You are going<br>ତୁମ୍ଭେମାନେ ଯାଉଛ<br>ମିରୁ ହାଜିମାଞ୍ଜେରି<br>You are eating<br>ତୁମ୍ଭେମାନେ ଖାଉଛ<br>ମିରୁ ତିଞ୍ଜାମାଞ୍ଜେରି |
| Present Perfect<br>ସଂପୂର୍ଣ୍ଣ ବର୍ତ୍ତମାନ | You have gone<br>ତୁ ଯାଇଛୁ<br>ନିନୁ ହାଜାଞ୍ଜି<br>You have eaten<br>ତୁ ଖାଇଛୁ<br>ନିନୁ ତିଞ୍ଜାଞ୍ଜି | You have gone<br>ତୁମ୍ଭେମାନେ ଯାଇଛ<br>ମିରୁ ହାଜାଞ୍ଜେରି<br>You have eaten<br>ତୁମ୍ଭେମାନେ ଖାଇଛ<br>ମିରୁ ତିଞ୍ଜାଞ୍ଜେରି |
| Present Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ବର୍ତ୍ତମାନ | You have been going<br>ତୁ ଯାଇ ଆସୁଅଛୁ<br>ନିନୁ ହାଜା ଓ୍ୱାହିଞ୍ଜି<br>You have been eating<br>ତୁ ଖାଇ ଆସୁଅଛୁ<br>ନିନୁ ତିଞ୍ଜା ଓ୍ୱାହିଞ୍ଜି | You have been going<br>ତୁମ୍ଭେମାନେ ଯାଇ ଆସୁଅଛ<br>ମିରୁ ହାଜା ଓ୍ୱାହି ଞ୍ଜେରି<br>You have been eating<br>ତୁମ୍ଭେମାନେ ଖାଇ ଆସୁଅଛ<br>ମିରୁ ତିଞ୍ଜା ଓ୍ୱାହିଞ୍ଜେରି |

| | Third Person - Singular Number<br>ତୃତୀୟ ପୁରୁଷ - ଏକ ବଚନ | Third Person - Plural Number<br>ତୃତୀୟ ପୁରୁଷ - ବହୁ ବଚନ |
|---|---|---|
| Present Indefinite<br>ନିତ୍ୟ ପ୍ରବୃତ୍ତ ବର୍ତ୍ତମାନ | He goes<br>ସେ ଯାଏ<br>ଏଓ୍ୱାସି ହାନେସି<br>She eats<br>ସେ ଖାଏ<br>ଏଦି ନାନେ | They go<br>ସେମାନେ ଯାଆନ୍ତି<br>ଏଓ୍ୱାରି ହାନେରି<br>They eat<br>ସେମାନେ ଖାଆନ୍ତି<br>ଏଓ୍ୱାରି ତିନେରି |
| Present Imperfect<br>ଅସଂପୂର୍ଣ୍ଣ ବର୍ତ୍ତମାନ | He is going<br>ସେ ଯାଉଛି<br>ଏଓ୍ୱାସି ନାନେସି<br>She is eating<br>ସେ ଖାଉଛି<br>ଏହି ଚିଞ୍ଜୋନେ | They are going<br>ସେମାନେ ଯାଉଛନ୍ତି<br>ଏଓ୍ୱାରି ହାଜିନେରି<br>They are eating<br>ସେମାନେ ଖାଉଛନ୍ତି<br>ଏଓ୍ୱାରି ଚିଞ୍ଜା ମାନେରି |
| Present Perfect<br>ସଂପୂର୍ଣ୍ଣ ବର୍ତ୍ତମାନ | He has gone<br>ସେ ଯାଇଛି<br>ଏଓ୍ୱାସି ହାଜିନେସି<br>She has eaten<br>ସେ ଖାଇଛି<br>ଏଦି ଚିଞ୍ଜାମାନେ | They have gone<br>ସେମାନେ ଯାଇଛନ୍ତି<br>ଏଓ୍ୱାରି ହାଜା ମାନେରି<br>They have eaten<br>ସେମାନେ ଖାଇଛନ୍ତି<br>ଏଓ୍ୱାରି ଚିଞ୍ଜା ମାନେରି |
| Present Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ବର୍ତ୍ତମାନ | He / She has been going<br>ସେ ଯାଇ ଆସୁଅଛି<br>ଏଓ୍ୱାସି ହାଜା ଓ୍ୱାହିନେସି<br>He / She has been eating<br>ସେ ଖାଇ ଆସୁଅଛି<br>ଏଦି ହାଜା ଓ୍ୱାହିମାନେ | They have been going<br>ସେମାନେ ଯାଇ ଆସୁଛନ୍ତି<br>ଏଓ୍ୱାରି ହାଜାଓ୍ୱାହି ମାନେରି<br>They have been eating<br>ସେମାନେ ଖାଇ ଆସୁଛନ୍ତି<br>ଏଓ୍ୱାରି ଚିଞ୍ଜାହିଁ ଓ୍ୱାହିନେରି |

# PAST TENSE ଅତୀତ କାଳ

| | First Person - Singular Number<br>ପ୍ରଥମ ପୁରୁଷ - ଏକ ବଚନ | First Person - Plural Number<br>ପ୍ରଥମ ପୁରୁଷ - ବହୁ ବଚନ |
|---|---|---|
| Past Indefinite<br>ସାଧାରଣ ଅତୀତ | I went | We went |
| | ମୁଁ ଗଲି | ଆମ୍ଭେମାନେ ଗଲୁ |
| | ନାନୁ ହାଚେ ଏଁ | ମାନ୍ନୁ ହାଚମି |
| | I ate | We ate |
| | ମୁଁ ଖାଇଲି | ଆମ୍ଭେମାନେ ଖାଇଲୁ |
| | ନାନୁ ଟିଚେ ଏଁ | ମାନ୍ନୁ ହାଲେଁ ଟିଚମି |
| Past Imperfect<br>ଅସମ୍ପୂର୍ଣ୍ଣ ଅତୀତ | I was going | We were going |
| | ମୁଁ ଯାଉଥିଲି | ଆମ୍ଭେମାନେ ଯାଉଥିଲୁ |
| | ନାନୁ ହାଜିମାନେ ଏଁ | ମାନ୍ନୁ ହାଜି ମାଚମି |
| | I was eating | We were eating |
| | ମୁଁ ଖାଉଥିଲି | ଆମ୍ଭେମାନେ ଖାଉଥିଲୁ |
| | ନାନୁ ଟିଞ୍ଜି ମାଚେ ଏଁ | ମାନ୍ନୁ ଟିଞ୍ଜି ମାଚମି |
| Past Perfect<br>ସମ୍ପୂର୍ଣ୍ଣ ଅତୀତ | I had gone | We had gone |
| | ମୁଁ ଯାଇଥିଲି | ଆମ୍ଭେମାନେ ଯାଇଥିଲୁ |
| | ନାନୁ ହାଜାମାଚେ ଏଁ | ମାନ୍ନୁ ହାଜା ମାଚମି |
| | I had eaten | We had eaten |
| | ମୁଁ ଖାଇଥିଲି | ଆମ୍ଭେମାନେ ଖାଇଥିଲୁ |
| | ନାନୁ ଟିଞ୍ଜା ମାଚେ ଏଁ | ମାନ୍ନୁ ଟିଞ୍ଜା ମାଚମି |
| Past Perfect Continuous<br>ସମ୍ପୂର୍ଣ୍ଣ-ଅସମ୍ପୂର୍ଣ୍ଣ ଅତୀତ | I had been going | We had been going |
| | ମୁଁ ଯାଇ ଆସୁଥିଲି | ଆମ୍ଭେମାନେ ଯାଇ ଆସୁଥିଲୁ |
| | ନାନୁ ହାଜାଁ ୱାହି ମାଚେ ଏଁ | ମାନ୍ନୁ ହାଜାଁ ୱାହି ୱମି |
| | I had been eating | We had been eating |
| | ମୁଁ ଖାଇ ଆସୁଥିଲି | ଆମ୍ଭେମାନେ ଖାଇ ଆସୁଥିଲୁ |
| | ନାନୁ ଟିଞ୍ଜାଁ ୱାହିୱେ ଏଁ | ମାନ୍ନୁ ଟିଞ୍ଜାଁ ୱାହି ଚଂମି |

| | Second Person - Singular Number<br>ଦ୍ବିତୀୟ ପୁରୁଷ - ଏକ ବଚନ | Second Person - Plural Number<br>ଦ୍ବିତୀୟ ପୁରୁଷ - ବହୁ ବଚନ |
|---|---|---|
| Past Indefinite<br>ଅନିର୍ଦ୍ଦିଷ୍ଟ ଅତୀତ | You went<br>ତୁ ଗଲୁ<br>ନାନୁ ହାଲା<br>You ate<br>ତୁ ଖାଇଲୁ<br>ନିନୁ ତିଚି | You went<br>ତୁମ୍ଭେମାନେ ଗଲ<br>ମିରୁ ହାଲେ ହାଚେରି<br>You ate<br>ତୁମ୍ଭେମାନେ ଖାଇଲ<br>ମିରୁ ହାଲେ ତିଚେରି |
| Past Imperfect<br>ଅପୂର୍ଣ୍ଣ ଅତୀତ | You were going<br>ତୁ ଯାଉଥିଲୁ<br>ନିନୁ ହାଜି ମାଚି<br>You were eating<br>ତୁ ଖାଉଥିଲୁ<br>ନିନୁ ତିଞ୍ଜି ମାଚି | You were going<br>ତୁମ୍ଭେମାନେ ଯାଉଥିଲ<br>ମିରୁ ହାଲେ ହାଜି ମାଚେରି<br>You were eating<br>ତୁମ୍ଭେମାନେ ଖାଉଥିଲ<br>ମିରୁ ହାଲେ ତିଞ୍ଜି ମାଚେରି |
| Past Perfect<br>ସଂପୂର୍ଣ୍ଣ ଅତୀତ | You had gone<br>ତୁ ଯାଇଥିଲୁ<br>ନିନୁ ହାଜା ମାଚି<br>You had eaten<br>ତୁ ଖାଇଥିଲୁ<br>ନିନୁ ତିଞ୍ଜା ମାଚି | You had gone<br>ତୁମ୍ଭେମାନେ ଯାଇଥିଲ<br>ମିରୁ ହାଲେଁ ହାଜା ମାଚେରି<br>You had eaten<br>ତୁମ୍ଭେମାନେ ଖାଇଥିଲ<br>ମିରୁ ହାଲେଁ ତିଞ୍ଜା ମାଚେରି |
| Past Perfect Continuous<br>ସଂପୂର୍ଣ୍ଣ-ଅପୂର୍ଣ୍ଣ ଅତୀତ | You had been going<br>ତୁ ଯାଇ ଆସୁଥିଲୁ<br>ନିନୁ ହାଜା ଓ୍ବାହି ମାଚି<br>You had been eating<br>ତୁ ଖାଇ ଆସୁଥିଲୁ<br>ନିନୁ ତିଞ୍ଜା ଓ୍ବାହି ମାଚି | You had been going<br>ତୁମ୍ଭେମାନେ ଯାଇ ଆସୁଥିଲ<br>ମିରୁ ହାଜା ଓ୍ବାହିମାଚେରି<br>You had been eating<br>ତୁମ୍ଭେମାନେ ଖାଇ ଆସୁଥିଲ<br>ମିରୁ ତିଞ୍ଜା ଓ୍ବାହି ମାଚେରି |

| | Third Person - Singular Number<br>ତୃତୀୟ ପୁରୁଷ - ଏକ ବଚନ | Third Person - Plural Number<br>ତୃତୀୟ ପୁରୁଷ - ବହୁ ବଚନ |
|---|---|---|
| Past Indefinite<br>ନିତ୍ୟ ପ୍ରବୃତ୍ତ ଅତୀତ | He / She went<br>ସେ ଗଲା<br>ଏ ୱାସି ହାଚେସି<br>He / She ate<br>ସେ ଖାଇଲା<br>ଏଦି ହାଚେ | They went<br>ସେମାନେ ଗଲେ<br>ଏୱାରି ହାଚେରି<br>They ate<br>ସେମାନେ ଖାଇଲେ<br>ଏୱାରି ଚିଚେରି |
| Past Imperfect<br>ଅସଂପୂର୍ଣ୍ଣ ଅତୀତ | He / She was going<br>ସେ ଯାଉଥିଲା<br>ଏ ୱାସି ହାଜି ମାଚେସି<br>He / She was eating<br>ସେ ଖାଉଥିଲା<br>ଏଦି ହାଜି ମାଚେ | They were going<br>ସେମାନେ ଯାଉଥିଲେ<br>ଏୱାରି ହାଜି ମାଚେରି<br>They were eating<br>ସେମାନେ ଖାଉଥିଲେ<br>ଏୱାରି ଚିଁଞ୍ଜା ମାଚେରି |
| Past Perfect<br>ସଂପୂର୍ଣ୍ଣ ଅତୀତ | He / She had gone<br>ସେ ଯାଇଥିଲା<br>ଏ ୱାସି ହାଞ୍ଜା ମାଚେଶି<br>He / She had eaten<br>ସେ ଖାଇଥିଲା<br>ଏଦି ହାଞ୍ଜା ମାଚେ | They had gone<br>ସେମାନେ ଯାଇଥିଲେ<br>ଏୱାରି ହାଞ୍ଜାଁ ୱେରି<br>They had eaten<br>ସେମାନେ ଖାଇଥିଲେ<br>ଏୱାରି ଚିଞ୍ଜା ମାଚେରି |
| Past Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ଅତୀତ | He / She had been going<br>ସେ ଯାଇ ଆସୁଥିଲା<br>ଏ ୱାସି ହାଞ୍ଜା ୱାହି ମାଚେଶି<br>He / She had been eating<br>ସେ ଖାଇ ଆସୁଥିଲା<br>ଏଦି ଚିଞ୍ଜା ୱାହି ମାଚେ | They had been going<br>ସେମାନେ ଯାଇ ଆସୁଥିଲେ<br>ଏୱାରି ହାଁଞ୍ଜା ୱାହି ୱେରି<br>They had been eating<br>ସେମାନେ ଖାଇ ଆସୁଥିଲେ<br>ଏୱାରି ଚିଞ୍ଜା ହିଁ ୱାହି ନେରି |

# FUTURE TENSE ଭବିଷ୍ୟତ କାଳ

| | First Person - Singular Number<br>ପ୍ରଥମ ପୁରୁଷ - ଏକ ବଚନ | First Person - Plural Number<br>ପ୍ରଥମ ପୁରୁଷ - ବହୁ ବଚନ |
|---|---|---|
| Future Indefinite<br>ଫିଗା ପ୍ରକୃତ ଭବିଷ୍ୟତ | I shall go<br>ମୁଁ ଯିବି<br>ନାନୁ ହାଇଁ | We shall go<br>ଆମ୍ଭେମାନେ ଯିବୁ<br>ମାମ୍ଭୁ ହାଜି ନମି |
| | I shall eat<br>ମୁଁ ଖାଇବି<br>ନାନୁ ତିଇଁ | We shall eat<br>ଆମ୍ଭେମାନେ ଖାଇବୁ<br>ମାମ୍ଭୁ ତିଞ୍ଜାଏ ମାନମି |
| Future Imperfect<br>ଅସଂପୂର୍ଣ୍ଣ ଭବିଷ୍ୟତ | I shall be going<br>ମୁଁ ଯାଉଥିବି<br>ନାନୁ ହାଜିଇ ମାଇଁ | We shall be going<br>ଆମ୍ଭେମାନେ ଯାଉଥିବୁ<br>ମାମ୍ଭୁ ହାଜି ମାନମି |
| | I shall be eating<br>ମୁଁ ଖାଉଥିବି<br>ନାନୁ ତିଞ୍ଜି ମାଇଁ | We shall be eating<br>ଆମ୍ଭେମାନେ ଖାଉଥିବୁ<br>ମାମ୍ଭୁ ତିଞ୍ଜାଏ ମାନମି |
| Future Perfect<br>ସଂପୂର୍ଣ୍ଣ ଭବିଷ୍ୟତ | I shall have gone<br>ମୁଁ ଯାଇଥିବି<br>ନାନୁ ହାଜା ମାଇଁ | We shall have gone<br>ଆମ୍ଭେମାନେ ଯାଇଥିବୁ<br>ମାମ୍ଭୁ ହାଲେଁ ହାଜିଇ ନମି |
| | I shall have eaten<br>ମୁଁ ଖାଇଥିବି<br>ନାନୁ ତିଞ୍ଜାଆଁ ମାଇଁ | We shall have eaten<br>ଆମ୍ଭେମାନେ ଖାଇଥିବୁ<br>ମାମ୍ଭୁ ହାଲେଁ ତିଞ୍ଜିଏ ନମି |
| Future Perfect Continuous<br>ସଂପୂର୍ଣ୍ଣ-ଅସଂପୂର୍ଣ୍ଣ ଭବିଷ୍ୟତ | I shall have been going<br>ମୁଁ ଯାଇ ଆସୁଥିବି<br>ନାନୁ ହାଜା ୱାହେ ଏ ମାଇ | We shall have been going<br>ଆମ୍ଭେମାନେ ଯାଇ ଆସୁଥିବୁ<br>ମାମ୍ଭୁ ହାଲେ ହାଜା /ହାଜା ୱାହି ମାନମି |
| | I shall have been eating<br>ମୁଁ ଖାଇ ଆସୁଥିବି<br>ନାନୁ ହାଜାଁ ୱାହି ମାଇ | We shall have been eating<br>ଆମ୍ଭେମାନେ ଖାଇ ଆସୁଥିବୁ<br>ମାମ୍ଭୁ ହାଲେଁ /ତିଞ୍ଜା ୱାହିନମି |

| | Second Person -<br>Singular Number<br>ଦ୍ୱିତୀୟପୁରୁଷ – ଏକ ବଚନ | Second Person -<br>Plural Number<br>ଦ୍ୱିତୀୟପୁରୁଷ – ବହୁ ବଚନ |
|---|---|---|
| Future Indefinite<br>ସାଧାରଣ ଭବିଷ୍ୟତ | You will go<br>ତୁ ଯିବୁ<br>ନିନୁ ହାଜି<br>You will eat<br>ତୁ ଖାଇବୁ<br>ନିନୁ ଚିଞ୍ଜି | You will go<br>ତୁମ୍ଭେମାନେ ଯିବ<br>ମିରୁ ହାଜେରି<br>You will eat<br>ତୁମ୍ଭେମାନେ ଖାଇବ<br>ମିରୁ ଚିଞ୍ଜେରି |
| Future Imperfect<br>ଅପୂର୍ଣ୍ଣ ଭବିଷ୍ୟତ | You will be going<br>ତୁ ଯାଉଥିବୁ<br>ନିନୁ ହାଜିନା<br>You will be eating<br>ତୁ ଖାଉଥିବୁ<br>ନିନୁ ଚିଞ୍ଜିନା | You will be going<br>ତୁମ୍ଭେମାନେ ଯାଉଥିବ<br>ମିରୁ ହାଜିଞ୍ଜୁ<br>You will be eating<br>ତୁମ୍ଭେମାନେ ଖାଉଥିବ<br>ମିରୁ ଚିଞ୍ଜାଞ୍ଜୁ |
| Future Perfect<br>ପୂର୍ଣ୍ଣ ଭବିଷ୍ୟତ | You will have gone<br>ତୁ ଯାଇଥିବୁ<br>ନିନୁ ହାଜିଞ୍ଜି<br>You will have eaten<br>ତୁ ଖାଇଥିବୁ<br>ନିନୁ ଚିଞ୍ଜିଞ୍ଜି | You will have gone<br>ତୁମ୍ଭେମାନେ ଯାଇଥିବ<br>ମିରୁ ହାଜାଞ୍ଜୁ<br>You will have eaten<br>ତୁମ୍ଭେମାନେ ଖାଇଥିବ<br>ମିରୁ ଚିଞ୍ଜେ ଞ୍ଜେରି |
| Future Perfect Continuous<br>ପୂର୍ଣ୍ଣ-ଅପୂର୍ଣ୍ଣ ଭବିଷ୍ୟତ | You will have been going<br>ତୁ ଯାଇ ଅଛୁଥିବୁ<br>ନିନୁ ହାଜିଁ ଓ୍ୱାହିଞ୍ଜି<br>You will have been eating<br>ତୁ ଖାଇ ଅଛୁଥିବୁ<br>ନିନୁ ଚିଞ୍ଜା ଓ୍ୱାହିଞ୍ଜି | You will have been going<br>ତୁମ୍ଭେମାନେ ଯାଇ ଅଛୁଥିବ<br>ମିରୁ ହାଲେଁ ହାଜାଁ ଓ୍ୱାହିଞ୍ଜେରି<br>You will have been eating<br>ତୁମ୍ଭେମାନେ ଖାଇ ଅଛୁଥିବ<br>ମିରୁ ହାଲେଁ ଚିଞ୍ଜା ଓ୍ୱାହିଞ୍ଜେରି |

| | Third Person - Singular Number<br>ତୃତୀୟପୁରୁଷ - ଏକ ବଚନ | Third Persón - Plural Number<br>ତୃତୀୟପୁରୁଷ - ବହୁ ବଚନ |
|---|---|---|
| Future Indefinite<br>ଅନିର୍ଦ୍ଦିଷ୍ଟ ଭବିଷ୍ୟତ | He will go<br>ସେ ଯିବ<br>ଏ ୱାସି ହାନେସି<br>She will eat<br>ସେ ଖାଇବ<br>ଏଦି ତିନେ | They will go<br>ସେମାନେ ଯିବେ<br>ଏ ୱାରି ହାନେ<br>They will eat<br>ସେମାନେ ଖାଇବେ<br>ଏୱାରି ତିନେରି |
| Future Imperfect<br>ଅସମ୍ପୂର୍ଣ୍ଣ ଭବିଷ୍ୟତ | He will be going<br>ସେ ଯାଉଥିବ<br>ଏ ୱାସି ହାଦି ନାପେସି<br>She will be eating<br>ସେ ଖାଉଥିବ<br>ଏଦି ତିଞ୍ଜି ନେସାଁ | They will be going<br>ସେମାନେ ଯାଉଥିବେ<br>ଏ ୱାରି ହାଜିନାପେରି<br>They will be eating<br>ସେମାନେ ଖାଉଥିବେ<br>ଏୱାରି ତିଞ୍ଜି ଏନେରି ସାହାଁ |
| Future Perfect<br>ସମ୍ପୂର୍ଣ୍ଣ ଭବିଷ୍ୟତ | She will have gone<br>ସେ ଯାଇଥିବ<br>ଏ ୱାସି ହାଜେ ଏନେସି<br>He / She will have eaten<br>ସେ ଖାଇଥିବ<br>ଏଦି ତିଞ୍ଜି ଏନେ | They will have gone<br>ସେମାନେ ଯାଇଥିବେ<br>ଏ ୱାରି ହାଜେଏ ନେରି ସାହା<br>They will have eaten<br>ସେମାନେ ଖାଇଥିବେ<br>ଏୱାରି ତିଞ୍ଜେଏ ନେରି ସାହାଁ |
| Future Perfect Continuous<br>ସମ୍ପୂର୍ଣ୍ଣ-ଅସମ୍ପୂର୍ଣ୍ଣ ଭବିଷ୍ୟତ | He / She will have been going<br>ସେ ଯାଇ ଆସୁଥିବ<br>ଏ ଦିହାଜାଁ ୱାହିନେ<br>He / She will have been eating<br>ସେ ଖାଇ ଆସୁଥିବ<br>ଏଦି ହାଦିନେ | They will have been going<br>ସେମାନେ ଯାଇ ଆସୁଥିବେ<br>ଏୱାରି ହାଜାଁ ୱାହି ନେରି<br>They will have been eating<br>ସେମାନେ ଖାଇ ଆସୁଥିବେ<br>ଏୱାରି ତିଞ୍ଜା ୱାହି ନେରି |

# ସାଧାରଣ ବାକ୍ୟାବଳୀ

1. What is your name ?
   ତୁମ ନାମ କ'ଣ ?
   ନିଦରୁ ଏନି ଦରୁ ?
2. From which are you from ?
   ତୁମେ କେଉଁ ଗ୍ରାମର ଅଟ ?
   ମି ନାୟୁଁ ଏନି ନାୟୁଁ ?
3. What is the name of your village ?
   ତୁମ ଗ୍ରାମର ନାମ କ'ଣ ?
   ମିନାୟୁଁ ତିଦରୁ ଏନି ଦରୁ ?
4. Are you married ?
   ତୁମେ ବିବାହ ହୋଇଛ କି ?
   ନିନୁ ପେଲି ଆହାମାଞ୍ଜିକି ?
5. How many children have you ?
   ତୁମର କେତେଜଣ ପିଲା ଛୁଆ ଅଛନ୍ତି ?
   ମିଙ୍ଗ ଏଚର ଜାଣା କକାରି ପଦାୟାଁ
6. How many sons have you ?
   ତୁମର କେତେଜଣ ପୁଅ ଅଛନ୍ତି ?
   ମିଙ୍ଗ ଏଚରାଜାଣା କଳାରି ମାନେରି ?
7. How many daughters have you ?
   ତୁମର କେତେଜଣ ଝିଅ ଅଛନ୍ତି ?
   ମିଙ୍ଗ ଏଚର ଜାଣା ପଦାଁ ମାନୁଁ ?

8. Do you have parents ?

ତୁମର ପିତାମାତା ଅଛନ୍ତି କି ?

ମିବା ମିୟା ନିଙ୍ଗ ମାନୁକି ?

9. What is your father's name ?

ତୁମ ବାପାଙ୍କ ନାମ କ'ଣ ?

ମିବାଦରୁ ଏନି ଦରୁ ?

10. What is your mother's name ?

ତୁମ ମା'ଙ୍କ ନାମ କ'ଣ ?

ମିୟାନି ଦରୁ ଏନି ଦରୁ ?

11. Do you have your grant parents ?

ତୁମର ଜେଜେ, ଜେଜି ଅଛନ୍ତି କି ?

ମିଙ୍ଗ ବୁଢୁହା ବୁଢ଼ିହି ମାନୁକି ?

12. What is your grandfather's name ?

ତୁମ ଜେଜେଙ୍କର ନାମ କ'ଣ ?

ମି ବୁଢୁହାଦରୁ ଏନିଦରୁ?

13. What is your grandmother's name ?

ତୁମ ଜେଜି ଆଈଙ୍କ ନାମ କ'ଣ ?

ମି ବୁଢ଼ିହିଇୟାନିଦରୁ ଏନି ଦରୁ ?

14. How many brothers have you ?

ତୁମର କେତେଜଣ ଭାଇ ଅଛନ୍ତି ?

ମିଙ୍ଗ ଏଟର ଙ୍କାଣା ତାଇଁ ମାନେରି ?

15 What are there names ?

ସେମାନଙ୍କର ନାମ କ'ଣ ?

ଏଓ୍ୱାରି ଦରୁ ଏନି ଦରୁ ?

16. What are your brothers ?

ତୁମ ଭାଇମାନେ କ'ଣ କରୁଛନ୍ତି ?

ମି ତାଇୟାଁ ଏନାୟାଁ କିହି ନେରି ?

17. Do your brothers help you in your work ?

ତୁମ ଭାଇମାନେ ତୁମକୁ କାମରେ ସାହାଯ୍ୟ କରନ୍ତି କି ?

ମି ତାଇଁୟାଁ ନିମିଙ୍ଗ ଗେଲ୍‌ପି ଙ୍କାନେରିକି ?

18. Which works they prefer to do ?

କେଉଁ କାମ କରିବାକୁ ସେମାନେ ପସନ୍ଦ କରନ୍ତି ?

ଏଓ୍ୱାରି ଏନି କାମା କିୟାଲି ନେହିଁ ପାନେରି ?

19. Do they like to live together ?

ସେମାନେ ଏକାଠି ରହିବାକୁ ଭଲ ପାଆନ୍ତି କି ?

ଏଓ୍ୱାରି ରହେଁଏ ମାନେ ରି କି ?

20. Do they help to the neighbours in their work ?

ସେମାନେ ପଡ଼ୋଶୀମାନଙ୍କ କାର୍ଯ୍ୟରେ ସହଯୋଗ କରନ୍ତି କି ?

ଏଓ୍ୱାରି ସାଇ ପଡିଶାତି କାମା କିନେରିକି ?

21. How many sisters have you ?

ତୁମର କେତେଜଣ ଭଉଣୀ ଅଛନ୍ତି ?

ମିଙ୍ଗ ଏଚର କାଣା ତାଙ୍ଗସିକା ମାନେରି ?

22. What are their names ?

ସେମାନଙ୍କର ନାମ କ'ଣ ?

ଏଓ୍ୱାରି ଏନି ଦରୁ ?

23. What are your sisters ?

ତୁମ ଭଉଣୀମାନେ କ'ଣ କରୁଛନ୍ତି ?

ମିତାଙ୍ଗିସିକା ଏନାଁ କିହିନୁ ?

24. Do they know cooking ?

ସେମାନେ ରୋଷେଇ ଜାଣନ୍ତି କି ?

ଏଓ୍ବାରି ଓ୍ବାଜାଲି ପୁନେରିକି ?

25. Do they sing song in special occasions ?

ସେମାନେ ସ୍ୱତନ୍ତ୍ର ଦିବସରେ ଗୀତ ବୋଲନ୍ତି କି ?

ଏଓ୍ବାରିଁ ନେନ୍ହିଁ ଜିନା କାଣ କେଣ୍ଡେରିକି ?

26. Are your brothers married ?

ତୁମର ଭାଇମାନେ ବିବାହ କରିଛନ୍ତି କି ?

ମିତାଇୟାଁ ପେଲି ଆହା ନେରିକି ?

27. How many brothers have married ?

କେତେଜଣ ଭାଇ ବିବାହ କରିଛନ୍ତି ?

ଏଚର ଜାଣା ପେଲି ଆହାନେରି ?

28. How many brothers have not married ?

କେତେଜଣ ଭାଇ ବିବାହ କରିନାହାନ୍ତି ?

ଏଚର ଜାଣା ତାଇୟାଁ ପେଲି ଆହାନେରି ?

29. Are your sisters married ?

ତୁମର ଭଉଣୀମାନେ ବିବାହ କରିଛନ୍ତି କି ?

ମି ତାଙ୍ଗିସିକା ପେଲି ଆହାନୁକି ?

30. How many sisters have married ?

କେତେଜଣ ଭଉଣୀ ବିବାହ କରିଛନ୍ତି ?

ଏ ଚର ଜାଣା ତାଙ୍ଗିସିକା ପେଲି ଆହାନୁ ?

31. How many sisters have unmarried ?

କେତେଜଣ ଭଉଣୀ ବିବାହ କରିନାହାନ୍ତି ?

ଏଚର ଜାଣା ତାଙ୍ଗିସିକା ପେଲି ଆହା ହିଲାଉ ?

32. How many brothers has your father?
ତୁମ ବାପାଙ୍କର କେତେଜଣ ଭାଇ ଅଛନ୍ତି ?
ମିବାକି ଏଚର ଜାଣା ତାଇ ୟାଁ ମାନେରି ?
33. How many sisters has your father?
ତୁମ ବାପାଙ୍କର କେତେଜଣ ଭଉଣୀ ଅଛନ୍ତି ?
ମିବାକି ଏଚର ଜାଣା ତାଙ୍ଗିସିକା ମାନୁ ?
34. How many brothers has your mother?
ତୁମ ମା'ଙ୍କର କେତେଜଣ ଭାଇ ଅଛନ୍ତି ?
ମିୟାନାକି ଏଚର ଜାଣା ତାଇୟାଁ ମାନେରି ?
35. How many sisters has your mother?
ତୁମ ମା'ଙ୍କର କେତେଜଣ ଭଉଣୀ ଅଛନ୍ତି ?
ମିୟାନାକି ଏଚର ଜାଣା ତାଙ୍ଗିସିକା ମାନୁକି ?
36. What do you call your father?
ତୁମ ବାପାଙ୍କୁ ତୁମେ କ'ଣ ଡାକୁଛ ?
ମିବାଇଁ ଏନାଆଁ ଇଞ୍ଜିହିଁ ହାଟି ଞେରି ?
37. How many families in your village?
ତୁମ ଗ୍ରାମରେ କେତୋଟି ପରିବାର ଅଛନ୍ତି ?
ମି ନାୟୁଁତା ଏଚର ଜାଣା କୁଲମି ମାନେରି ?
38. How many houses in your village?
ତୁମ ଗ୍ରାମରେ କେତୋଟି ଘର ଅଛି ?
ମିନାୟୁଁତା ଏଚର ଗଟାଇଲୁ ମାନେ ?
39. Who is the village head man?
ତୁମ ଗ୍ରାମର ମୁଖିଆ କିଏ ?
ମିନାୟୁଁତି ଜାଜାସି ଆମ୍ୱା ଆସି ?

40. Do the villagers obey him ?

ଗ୍ରାମବାସୀମାନେ ତାଙ୍କୁ ମାନନ୍ତି କି ?

ନାଟା ଡାରି ଏଓ୍ୱାଣାଇଁ ମାନଇ ଆନେରିକି ?

41. Which festivals do the villagers observe ?

ଗ୍ରାମବାସୀମାନେ କେଉଁ କେଉଁ ପର୍ବପର୍ବାଣୀ ପାଳନ କରିଥାନ୍ତି ?

ନାୟୁଁଡାରି ଏନି ପାର୍ବୁୟାକିନେରି ?

42. What is name of your village deity ?

ତୁମ ଗ୍ରାମ ଦେବତାଙ୍କ ନାମ କ'ଣ ?

ମି ନାୟୁଁଡି ପେନୁଦରୁ ଏନି ଦରୁ ?

43. Which festival do the villagers observe the most ?

କେଉଁ ପର୍ବଟିକୁ ଗ୍ରାମବାସୀମାନେ ସବୁଠାରୁ ଭଲ ଭାବରେ ପାଳନ କରିଥାନ୍ତି ?

ଏନି ପାର୍ବୁଡିହିଁ ନାୟୁଁଡାରି କି ନେରି ?

44. Which villages stand nearby your village ?

ତୁମ ଗ୍ରାମକୁ ଲାଗି ଅନ୍ୟ କେଉଁ କେଉଁ ଗ୍ରାମ ରହିଛି ?

ମିନାୟୁଁ ଦାରି ଏନିନାୟୁଁମାନେ ?

45. Whish other caste people do live in the nearby villages ?

ପାଖ ଗ୍ରାମ ଗୁଡ଼ିକରେ ଅନ୍ୟ କେଉଁ ଜାତିର ଲୋକେ ବସବାସ କରିଥାନ୍ତି ?

ମିନାୟୁଦାରି ଏନି ଏନି କୁଡାଡିଲୋକୁ ମାନେରି ?

46. Do you go to the nearest village ?

ତୁମେ ପାଖ ଗ୍ରାମକୁ ଯାଅ କି ?

ମିରୁ ଡ଼ାଗେ ନାୟୁଁ ଡାହାଦେରିକି ?

47. What do the villagers collect from the forest?

ଗ୍ରାମବାସୀମାନେ ଜଙ୍ଗଲରୁ କ'ଣ ସଂଗ୍ରହ କରିଥାନ୍ତି ?

ନାୟୁଁତି ଲୋକୁବାକାୟାଁ ଜାଡ଼ା ଜାଣି ଏନା ଏନାଆଁ ରୁଣ୍ଡା କି ନେରି ?

48. Do all people put on new dress during the festival?

ପର୍ବପର୍ବାଣୀମାନଙ୍କରେ ସମସ୍ତେ ନୂଆ ପୋଷାକ ପିନ୍ଧିଥାନ୍ତି କି ?

ପାର୍ବୁତା ଡ଼ାପାଜାଣା ପୁଇନି ସକାଁ ତୁର୍ନେରିକି ?

49. What is the name of the nearest market?

ନିକଟତମ ହାଟର ନାମ କ'ଣ ?

ମିନାୟୁଁତି ହାଟାଦରୁ ଏନାଇଁ ?

50. What do you eat daily?

ତୁମେ ପ୍ରତିଦିନ କ'ଣ ଖାଅ ?

ମିରୁ ଡ଼ାପାଦିନା ଏନାଆ ତିଞ୍ଜିମାଞ୍ଜେରି ?

51. Who is your best friend?

ତୁମର ପ୍ରିୟ ସାଙ୍ଗ କିଏ ?

ମି ବେଶି ନେହିଁ ତଡୁ ଆମ୍ବାଆସି ?

52. How are you?

ତୁମେ କେମିତି ଅଛ ?

ନିନୁ ଏନିଖ୍ଁ ମାଞ୍ଜି ?

53. Are all other well?

ଆଉ ସବୁ କୁଶଳ ତ ?

ଅଡେଡ଼ାପା ନେହିଁ ତ?

54. How is your health?

ତୁମର ସ୍ୱାସ୍ଥ୍ୟ କେମିତି ଅଛି ?

ନି ଆଙ୍ଗା ଏନିଖ୍ଁ ମାନେ ?

55. What do you do when your father suffers ?

ତୁମ ବାପାଙ୍କ ଦେହ ଖରାପ ହେଲେ ତୁମେ କ'ଣ କର ?

ମିବାଆଙ୍ଗା ଲାଗେଏ ଆତିହିଁ ଏନାଆଁ କି ଦେରି ?

56. What do you buy from the market ?

ତୁମେ ହାଟରୁ କି କି ଜିନିଷ କିଣ ?

ମିରୁ ହାଟାଟି ଏନି ଏନି କୁଡାତା ଦେରି ?

57. How was the rainfall this year ?

ଏ ବର୍ଷ ବର୍ଷାପାଣି କେମିତି ଥିଲା ?

ଇ ବାର୍ଷାପିୟୁ ଏନିଖୁଁ ମାଚେ ?

58. How was your harvest this year ?

ଏ ବର୍ଷ ତୁମର ଫସଲ କେମିତି ହୋଇଥିଲା ?

ଇ ବାର୍ଷା ତିନି କାଦି ଏନି ଆହାଓ୍ୱେ ?

59. Did you have a good crops ?

ତୁମର ଭଲ ଫସଲ ହୋଇଥିଲା କି ?

ମିଦି ନେହିଁ କାଦି ଆହାମାଚେ କି ?

60. Is there any failure / loss of crops this year ?

ଏବର୍ଷ କୌଣସି ଫସଲ ହାନୀ ହୋଇଛି କି ?

ଇ ବାର୍ଷା ଏନିକାଦି ଓ୍ୱାଗେଲି ଆହା ମାନେ କି ?

61. If yes. what are the reasons ?

ଯଦି ହଁ, ତେବେ କେଉଁ କାରଣରୁ ହେଲା ନାହିଁ ?

ଯଦି ଆଆ ତେଇଚିହିଁ ଏନାଆଁ ତାକି ଆଆତେ ?

62. Are you well now ?

ତୁମେ ଏବେ ଭଲ ଅଛ ତ ?

ମିରୁ ନିଏ ନେହିଁ ମାଞ୍ଜେରି ତ ?

63. Do you know how to read and write?

ତୁମେ ପଢ଼ା ଲେଖା ଜାଣ କି ?

ମିରୁ ରାଚାଲି, ଶାଦାଓ୍ଵାଲି ପୁଞ୍ଜେରିକି ?

64. What do you like to do?

ତୁମେ କ'ଣ କରିବାକୁ ଭଲ ପାଅ ?

ମିରୁ ଏନାଆଁ କିଆଲି ନେହିଁ ପାଣାଦେରି ?

65 What have you eaten today?

ତୁମେ ଆଜି କ'ଣ ଖାଇଛ ?

ମିରୁ ଏନାଆଁ ନିଞ୍ଜୁ ଚିଞ୍ଜା ମାଞ୍ଜେରି ?

66. Do all of your family members enjoy good health?

ତୁମ ପରିବାରରେ ସମସ୍ତେ ଭଲରେ ଅଛନ୍ତି କି ?

ମିଦ ଡ଼ାପାଦାଣା ନେହିଁ ମାନେରିକି ?

67. How old are you now?

ତୁମର ବର୍ତ୍ତମାନ ବୟସ କେତେ ?

ନିଦି ଏଚରା ବାର୍ଷା ଆନ୍ଦିନେ ?

68. Do you like to sing?

ତୁମେ ଗୀତ ବୋଲିବାକୁ ଭଲ ପାଅ କି ?

ମିରୁକାତା କେର୍‌ହାଲି ନେହିଁ ପାଦେରିକି ?

69. Do you take part in dance?

ତୁମେ ନୃତ୍ୟରେ ଭାଗ ନିଅ କି ?

ମିରୁଏନ୍ଦାଲି ନେହିଁ ପାଣ୍ ଦେରି କି ?

70. What makes you laugh always?

ତୁମେ କାହିଁକି ସବୁବେଳେ ହସୁଛ ?

ମିରୁ ଡ଼ାପା ବେଳେ କାଖ୍ ଞ୍ଜେରି ?

71. Have you ever helped your friend ?
ତୁମେ ତୁମ ସାଙ୍ଗକୁ କେବେ ସାହାଯ୍ୟ କରିଛ କି ?
ମିରୁ ମି ତତୁଇଁ ଏଚେଲାଗେଲପା ମାଞ୍ଜେରିକି ?

72. Have you ever been to the nearest village ?
ତୁମେ ପାଖ ଗାଁକୁ କେବେ ଯାଇଛ କି ?
ମି ପାତି ନାଟା ଏଚେଲା ହାଜା ମାଞ୍ଜାରିକି ?

73. How many members are there in your family ?
ତୁମ ପରିବାରର ସଦସ୍ୟ ସଂଖ୍ୟା କେତେ ?
ମିଜତିଲୋକୁ ଏଚର ଜାଣା ?

74. Who are there in your family ?
ତୁମ ପରିବାରରେ କିଏ କିଏ ଅଛନ୍ତି ?
ମିଜ ଆମ୍ଧା ଆମ୍ଧାରି ମାନେରି ?

75. Do your family members like each other ?
ତୁମ ପରିବାରର ଲୋକେ ପ୍ରତ୍ୟେକଙ୍କୁ ଭଲ ପାଆନ୍ତି ତ ?
ମିଜତି ଲୋକୁ ଡ଼ାପା ତିହିଁନେହି ପାଦେରିକି ?

76. What is your staple food ?
ତୁମେ ପ୍ରତିଦିନ ମୁଖ୍ୟ ଖାଦ୍ୟ ହିସାବରେ କ'ଣ ଖାଅ ?
ମିରୁ ଡ଼ାପାଦିନା ଏନାଆଁଟିଞ୍ଜି ମାତହି ?

77. How many festivals do you observe in a year ?
ବର୍ଷକ ମଧ୍ୟରେ ତୁମେ କେତୋଟି ପର୍ବ ପାଳନ କରିଥାଅ ?
ବାର୍ଷାତାକି ଏଚର୍ ଗଟାପାର୍ବୁ କିହିଞ୍ଜେରି ?

78. Do you earn for your family ?
ତୁମେ ପରିବାର ପାଇଁ ରୋଜଗାର କରୁଛ ତ ?
ମିନତିଲୋକୁ କାମା କିହି ନେରିକି ?

79. Is your earning managable for your family ?

ପରିବାର ପାଇଁ ତୁମର ରୋଜଗାର ଚଳଣୀୟ ?

ମିଇତାରି ନେହିଁ କାମା କିନେରିକି ?

80. Are all of your family members capable for earning ?

ପରିବାରର ସମସ୍ତେ ରୋଜଗାରକ୍ଷମ କି ?

ଇଇତି ଲୋକୁ ଡ଼ାପା ନେହି ମାନେରିକି ?

81. Do you get wages properly ?

ତୁମେ ଠିକ୍ ଭାବରେ ମଜୁରା ପାଉଛ ତ ?

ମିରୁଟିକି କିହିହିଁ କୁଲି ପାଟି ଞୋରିକି ?

82. Did any government official come to your village ?

କୌଣସି ସରକାରୀ କର୍ମଚାରୀ ତୁମ ଗ୍ରାମକୁ ଆସିଥିଲେ କି ?

ଏନି ଗାଉରିମେଣ୍ଟୁ ଶାକିରିୟା ମିନାଟା ୱାହା ୱେରିକି ?

83. Have you got any grant from the government ?

ତୁମେ ସରକାରଙ୍କଠାରୁ କିଛି ଅନୁଦାନ ପାଇଛ କି ?

ମିରୁଗାଉରୁମେଣ୍ଟୁ ଟିଏନା ଆପାଟେରିକି ?

84. Have the government taken any step for the development of your village ?

ତୁମ ଗ୍ରାମର ଉନ୍ନତି ପାଇଁ ସରକାର କିଛି ପଦକ୍ଷେପ ନେଇଛନ୍ତି କି ?

ମିନାୟୁଁତି ପାଇଁ ଗାଉରୁମେଣ୍ଟୁ ଏନି କାମା କିହାମାନେରିକି ?

85. Did you meet any government official last month ?

ତୁମେ ଗତ ମାସରେ କେଉଁ ସରକାରୀ ବାବୁଙ୍କୁ ଭେଟିଥିଲ କି ?

ମିରୁ ହାବି ଲେଞ୍ଜୁ ଏୟାଆରି ଗାରୁରୁମେଣ୍ଟୁ ବାବୁଆଣ୍ଡା ଞୋରିକି ?

86. Do all the people collect forest produces ?

ସମସ୍ତ ଲୋକ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରନ୍ତି କି ?

ଢ଼ାପାଜାଣା ଜାଡ଼ାତି କୁଡ଼ିକିହ୍ନି ନେରିକି ?

87. Do they sell forest produces ?

ସେମାନେ ଜଙ୍ଗଲଜାତ ଦ୍ରବ୍ୟ ବିକ୍ରି କରନ୍ତି କି ?

ଏୱାରି ଜାଡ଼ାତି ୱେସ୍କା ପାର୍ଚିମାନେରିକି ?

88. Are they getting fair price in selling the forest produces ?

ଜଙ୍ଗଲଜାତ ଦ୍ରବ୍ୟ ବିକ୍ରିକରି ସେମାନେ ଉଚିତ୍ ମୂଲ୍ୟ ପାଉଛନ୍ତି କି ?

ଜାଡ଼ାଦାଣ୍ଡୁ ପାର୍ଚାନା ଏନିଖ୍ ମାଞ୍ଜେରି ?

89. Where do they sell the forest produces ?

ସେମାନେ ଜଙ୍ଗଲଜାତ ଦ୍ରବ୍ୟକୁ କେଉଁଠାରେ ବିକ୍ରି କରନ୍ତି ?

ଜାଡ଼ାତି ୱେସ୍କା ଆନ୍ଦିୟାପାର୍ଚିମାଞ୍ଜେରି ?

90. What do you take / keep with you when you go to the forest ?

ତୁମେ ଜଙ୍ଗଲକୁ ଗଲାବେଳେ ସାଥିରେ କ'ଣ ନେଇ ଯାଇଥାଅ ?

ମିରୁ ଜାଡ଼ାତାହାଚିହିଁ ଏନା ଏନାଆ ଅହିଁ ହାଜେରି ?

91. Which visiting spots are there near your village ?

ତୁମ ଗାଁ ପାଖରେ କେଉଁ କେଉଁ ଦର୍ଶନୀୟ ସ୍ଥାନ ଅଛି ?

ମିନାଟାଏନି ଏନି ମେହିଁନିଟାୟୁ ମାନେ ?

92. Does any river flow nearby your village ?

ତୁମ ଗାଁ ନିକଟରେ କୌଣସି ନଦୀ ଅଛି କି ?

ମି ନାୟୁଁତା କାଟା ମାନେକି ?

93. Did the village worker come to village in last few days ?

ଗତ କିଛିଦିନ ତଳେ ତୁମ ଗ୍ରାମକୁ ଗ୍ରାମସେବକ ଆସିଥିଲେ କି ?

ହାଚି ଦିନା ମିନାୟୁତା ଗ୍ରାମ ବାବୁଓ୍ୱାହାଓ୍ୱେ ସିକି ?

94. What did he say to you ?

ସେ ତୁମ୍ଭମାନଙ୍କୁ କ'ଣ କହିଲେ ?

ଏଓ୍ୱାସି ଏ ନାଆଁ ଓ୍ୱେସ୍ତା ତେସି ?

95. What did you present to the B.D.O. ?

ତୁମେ ବି.ଡ଼ି.ଓ.ଙ୍କ ପାଖରେ କେଉଁ କେଉଁ କଥା କହିଲ ?

ମିରୁ ବିଡ଼ିଓ ଓ୍ୱାକି ଏନିକାଣ ଓ୍ୱେସ୍ତେରି ?

96. Did the B.D.O. give any remarks ?

ବି.ଡ଼ି.ଓ. କିଛି ମନ୍ତବ୍ୟ ଦେଲେ କି ?

ବି.ଡି.ଓ ନୋଆଁ ଓ୍ୱେସ୍ତା ତେସିକି ?

97 Is there any hills near your village ?

ତୁମ ଗ୍ରାମ ନିକଟରେ କୌଣସି ପାହାଡ଼ ପର୍ବତ ଅଛି କି ?

ମି, ନାୟୁଁ ଦାରି ଏନି ହରୁ ମାନେକି ?

98. Do you cultivate on the hill ?

ପାହାଡ଼ ଉପରେ ତୁମେ ଚାଷ କରକି ?

ହରୁ ଲେକ କାମା କି ଦେରିକି ?

99. Have you collected much sal seed this year ?

ଏବର୍ଷ ଜଙ୍ଗଲରୁ ଶାଳମଞ୍ଜି ଅଧିକ ସଂଗ୍ରହ କରିଛ କି ?

ଇ ବାର୍ଷା ଶାଡି ପାଡ଼ାଇ ବେଟା ତେରିକି ?

100. Have you got any other grant from the government ?

